୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.27. No.54 Bhubaneswar Friday April 04 2025 ୨୭ତମ ବର୍ଷ ସଂଖ୍ୟା–୫୪ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୪, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସରିଲା ବିଧାନସଭାର ଚର୍ଚ୍ଚିତ ଅଧିବେଶନ: କଂଗ୍ରେସକୁ ମହଙ୍ଗା ପଡିଲା ହଟ୍ଟଗୋଳ




ଭୁବନେଶ୍ୱର,୩।୪(ପି.ଏନ): ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆଜି ଏକ ଐତିହାସିକ ମୋଡରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି । ବିଜେପି ସରକାରଙ୍କ ଦ୍ୱିତୀୟ ବଜେଟ୍ ଅଧିବେଶନ ବିଭିନ୍ନ ଦୃଷ୍ଟିକୋଣରୁ ଓଡିଶା ବିଧାନସଭା ଇତିହାସରେ ଏକ ଚର୍ଚ୍ଚିତ ଅଧିବେଶନ ପାଲଟିଛି । ଗୃହ ମୁଲତବୀ ହେବାପର୍ଯ୍ୟନ୍ତ ଅନ୍ୟତମ ବିରୋଧୀ ଦଳ କଂଗ୍ରେସର ସମସ୍ତ ସଦସ୍ୟଙ୍କ ନିଲମ୍ବନ, ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତି ଓ ବାଚସ୍ପତିଙ୍କ କଡା ଆଭିମୁଖ୍ୟ ଏବଂ ବିଶେଷକରି ରାତିତମାମ ଗୃହକୁ ଚଳାଇ ୨ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରିବାରେ ମୋହନ ମାଝୀ ସରକାରଙ୍କ ରଣନୀତି ସଫଳ ହୋଇଛି । ଫେବୃୟାରୀ ୧୩ରୁ ଆରମ୍ଭ ହୋଇଥିବା ଦୁଇଟି ପର୍ଯ୍ୟାୟ ବିଶିଷ୍ଟ ବଜେଟ୍ ଅଧିବେଶନ ନିର୍ଦ୍ଧାରିତ ୨୮ଦିନ ପରିବର୍ତ୍ତେ ୨୩ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଛି । ଚଳିତ ଅଧିବେଶନରେ ଗୃହରେ ହଟ୍ଟଗୋଳ ବିରୋଧୀ କଂଗ୍ରେସକୁ ମହଙ୍ଗା ପଡିଛି । ଆଉ କଂଗ୍ରେସ ଉପରେ କାର୍ଯ୍ୟାନୁଷ୍ଠାନ ପରେ ପ୍ରମୁଖ ବିରୋଧୀ ଦଳ ବିଜେଡି ମଧ୍ୟ ଅପ୍ରତ୍ୟାଶିତ ନିଜର ରଣନୀତି ବଦଳାଇ ଗୃହ ପରିଚାଳନାରେ ସରକାରଙ୍କୁ ସହଯୋଗ ଦେବାକୁ ଏକରକମ ବାଧ ହୋଇଥିଲା । ଶାସକ ବିଜେପି ନିଜର ଅଧିକାଂଶ ନବାଗତ ବିଧାୟକ ଏପରିକି ନବାଗତ ମନ୍ତ୍ରୀଙ୍କୁ ଧରି ସଫଳତାର ସହ ଗୃହ ପରିଚାଳନା କରିଥିବାବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତି ଓ ଗୃହରେ ବିଜେଡି ବିଧାୟକମାନଙ୍କ ଦିଶାହୀନ ରଣନୀତି ପରୋକ୍ଷରେ ସରକାରୀ ଦଳକୁ ସୁହାଇଥିବା ଚର୍ଚ୍ଚା ହେଉଛି ।

ରାତିତମାମ ଚାଲିଲା ବିଧାନସଭା

ଦୀର୍ଘ ପ୍ରାୟ ୨ଦଶନ୍ଧି ପରେ ବିଧାନସଭାର ଅଧିବେଶନ ରାତିତମାମ ଚାଲିଥିଲା । ଶେଷ ଦିନରେ ମାରାଥନ୍ ବିତର୍କ ପରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଭୋର ୪ଟା ୨୯ମିନିଟରେ 'ଓଡିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ଓ ସକାଳ ୬ଟା ୨୫ମିନିଟରେ 'ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ-୨୦୨୫' ଗୃହୀତ ହୋଇଛି । ଏପ୍ରିଲ ୨ତାରିଖରେ ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ପ୍ରାୟ ଗୃହରେ 'ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ମାରାଥନ୍ ଆଲୋଚନା ଆରମ୍ଭ ହୋଇଥିଲା । ବିଜେଡି ବିଧାୟକ ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗଣେଶ୍ୱର ବେହେରାଙ୍କ ଭଳି ଅଭିଜ୍ଞ ବିଧାୟକ ତଥା ପୂର୍ବତନ ମନ୍ତ୍ରୀମାନଙ୍କ ଦ୍ୱାରା ବିଲକୁ ବିରୋଧ କରି ବଳିଷ୍ଠ ଯୁକ୍ତି ଉପସ୍ଥାପନ ସତ୍ତ୍ୱେ ନବାଗତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ବେଶ୍ ଦକ୍ଷତାର ସହ ସାମ୍ନା କରି ବିରୋଧୀଙ୍କ ଅଧିକାଂଶ ଅଭିଯୋଗ ଉପରେ ଜବାବ ରଖିଥିଲେ । ଏହି ବିଲ୍ ଆଲୋଚନାରେ ବିଜେଡି ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସର୍ବାଧିକ ୩ଘଣ୍ଟା ୧୦ମିନିଟ୍ ଓ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦେ ୨ଘଣ୍ଟାରୁ ଅଧିକ ଓ ଗଣେଶ୍ୱର ବେହେରା ପ୍ରାୟ ଏକ ଘଣ୍ଟା ଧରି ନିଜର ଯୁକ୍ତି ଉପସ୍ଥାପନ କରିଥିବାବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରାୟ ଏକ ଘଣ୍ଟା ଧରି ସେମାନଙ୍କ ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇଥିଲେ । ପ୍ରାୟ ସାଢ଼େ ୧୨ଘଣ୍ଟା ଧରି ବିତର୍କ ପରେ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪ ପାରିତ ହୋଇଥିଲା । ଏହାପରେ ଗୃହରେ 'ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ-୨୦୨୫ ମଧ୍ୟ ପାରିତ ହୋଇଥିଲା । ଦୁଇଟି ବିଲ୍ ପାରିତ ହେବାପରେ ଗୃହକୁ ବାଚସ୍ପତି ସୁରମା ପାଢ଼ୀ ଏପ୍ରିଲ ୩ତାରିଖ ସକାଳ ୭ଟା ୬ମିନିଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ । ବିଧାନସଭାର ବଜେଟ୍ ଅଧିବେଶନର ସମାପନବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅନୁପସ୍ଥିତ ରହିଥିଲେ । ବିଶୃଙ୍ଖଳିତ ଆଚରଣ ପାଇଁ ନିଲମ୍ବିତ କଂଗ୍ରେସର ସମସ୍ତ ସଦସ୍ୟ ମଧ୍ୟ ଗୃହକୁ ଫେରିପାରିନଥିଲେ ।

କଂଗ୍ରେସ ଉପରେ ଆକ୍ସନକୁ ଦେଖି ଥମିଗଲା ବିଜେଡି

ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଏପ୍ରିଲ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହୋଇଥିଲା । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭରୁ କଂଗ୍ରେସ ସଦସ୍ୟମାନେ ଗୃହରେ 'ନାରୀ ନିର୍ଯାତନା ପ୍ରସଙ୍ଗ'ରେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଓ ଗୃହକମିଟି ଗଠନ ଦାବିରେ ହଟ୍ଟଗୋଳ ଜାରି ରଖିଥିଲେ । ବିରୋଧୀ ବିଜେଡି କିନ୍ତୁ ଗୋଟିଏ ପ୍ରସଙ୍ଗରେ ସୀମିତ ନରହି 'ବିଜୁ ପଟ୍ଟନାୟକଙ୍କୁ ସରକାରଙ୍କ ଅସମ୍ମାନ, ଜୟନାରାୟଣଙ୍କ ଓଡିଶା ବିଭାଜନ ମନ୍ତବ୍ୟ, ପୋଲାଭରମ ପ୍ରକଳ୍ପ ଆଦିକୁ ପ୍ରସଙ୍ଗ କରି ସରକାରଙ୍କୁ ଘେରିଥିଲା । ମାତ୍ର କଂଗ୍ରେସର ବିରୋଧର ଶାଣିତ ସ୍ୱର ଆଗରେ ବିଜେଡିର ବିରୋଧ ଫିକା ପଡି ଯାଇଥିଲା । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ୭ଦିନ ନିଲମ୍ବନ ଓ ପରେ ଦଳର ବିଧାୟକମାନେ ଗୃହରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରି ଭିନ୍ନ ଶୈଳୀରେ ପ୍ରତିବାଦ ଓ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ଚାଲିପାରିନଥିଲା । ପ୍ରାୟ ୧୧ଦିନ ଧରି କଂଗ୍ରେସ ବିଧାୟକମାନଙ୍କ ଏଭଳି ଆଚରଣକୁ ଦେଖି ବାଚସ୍ପତି ସୁରମା ପାଢ଼ୀ ଦ୍ୱିତୀୟ ଅଧିବେଶନର ଦ୍ୱାଦଶ ଦିନ କଂଗ୍ରେସର ୧୨ଜଣ ସଦସ୍ୟଙ୍କୁ ୭ଦିନ ପାଇଁ ନିଲମ୍ବିତ କରିଥିଲେ । ତା'ପରଦିନ ଅନ୍ୟ ୨ଜଣଙ୍କୁ ନିଲମ୍ବନ କରିଥିଲେ । କଂଗ୍ରେସର ସମସ୍ତ ସଦସ୍ୟ ନିଲମ୍ବନ ଓ ନାଟକୀୟ ଢଙ୍ଗରେ ସେମାନଙ୍କୁ ବିଧାନସଭା ପରିସରରୁ ବାହାର କରାଯିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ନାରୀ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସର ରଣନୀତି ସଫଳ ହେଉଥିବା ଦେଖି ବିଜେଡି 'ଅନୁସୂଚିତ ଜାତି-ଜନଜାତି ଓ ପଛୁଆବର୍ଗଙ୍କୁ ଉଚ୍ଚଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ' ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲା । ମାତ୍ର ବାଚସ୍ପତିଙ୍କ କଡା ଆଭିମୁଖ୍ୟ ଓ ସରକାରୀ ଦଳର ସଫଳ ରଣନୀତିକୁ ଦେଖି ବିଜେଡି ବିଧାୟକମାନେ ଗୃହରେ ହଟ୍ଟଗୋଳ କରିବାକୁ ପଛଘୁଂଚା ଦେଇଥିଲେ । ଆଉ ୨୭ତାରିଖ ପରଠୁ ଗୃହ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବାରୁ ବିଧାନସଭା ସ୍ୱାଭାବିକ ଚାଲିଥିଲା ।

୨୫ ଦିନ ଚାଲିଲା ବିଧାନସଭା ଅଧିବେଶନ

ଫେବୃୟାରୀ ୧୩ରୁ ଆରମ୍ଭ ବିଧାନସଭାର ବଜେଟ୍ ଅଧିବେଶନ ୨୮ଦିନ ଚାଲିବା ପାଇଁ ସ୍ଥିରୀକୃତ ହୋଇଥିଲା । ମାତ୍ର ଗୃହ ୨୫ଦିନ ଚାଲିବା ସମ୍ଭବପର ହୋଇଛି । ଗୃହରେ ସରକାରଙ୍କ ଦ୍ୱାରା ୩ଟି ବିଲ୍ ?(ବ୍ୟୟମଞ୍ଜୁରୀ ବିଲ୍ ସହ) ଉପସ୍ଥାପନ କରାଯାଇ ତାକୁ ପାରିତ କରାଇ ନିଆଯାଇଥିଲା । ୨୨ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିବାବେଳେ ୭ଟି ମୁଲତବୀ ଆଲୋଚନା, ୪ଟି ସିଏଜି ରିପୋର୍ଟ ଉପସ୍ଥାପନ, ୫୬୫୫ଟି ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ସରକାର ଦେଇଥିଲେ ।

ସରକାର ପଳାୟନପନ୍ଥୀ ହେଲେ: କଂଗ୍ରେସ

ବିଧାନସଭାକୁ ଆକସ୍ମିକ ଭାବେ ବନ୍ଦ କରିଦିଆଗଲା ଓ ସରକାର ପଳାୟନପନ୍ଥୀ ସାଜିଲେ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି । ରାଜ୍ୟରେ ନାରୀ ନିର୍ଯାତନା ବ? ଚାଲିଛି । କଂଗ୍ରେସର ବିଧାୟକମାନେ ଗୃହକମିଟି ଗଠନ ପାଇଁ ଦାବି କଲେ । ସରକାର ଓ ମୁଖ୍ୟମନ୍ତ୍ରୀ ସେଥିପ୍ରତି ଧ୍ୟାନଦେଲେନି । ବିଧାନସଭାରେ କଂଗ୍ରେସ ବିଧାୟକମାନେ ପ୍ରତିବାଦ କରିବାରୁ ଆମର ସମସ୍ତ ୧୪ଜଣ ବିଧାୟକଙ୍କୁ ନିଲମ୍ବନ କଲେ । ସରକାର ଆମକୁ ବିଧାନସଭା ଭିତରେ ପୁରାଇ ଦେଲେନାହିଁ । ବିଧାନସଭା ଭିତରେ ବନ୍ଦ କରି ମାଡ ମାରିଲେ । ଅତୀତରେ କୌଣସି ସରକାର ଏଭଳି କରିନାହାନ୍ତି । ରାତି ଅଧରେ ଟେକି ବାହାରକୁ ଫିଙ୍ଗିଦେଲେ । ଆମେ ଏବେବି ସମାନ ଦାବି ଦୋହରାଉଛୁ । ଗୃହ କମିଟି ଗଠନ କରି ମହିଳାଙ୍କ ନିର୍ଯାତନାର ଯାଂଚ କରାନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଖୋର୍ଦ୍ଧାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ



ଖୋର୍ଦ୍ଧା,୩।୪(ପି.ଏନ): ଖୋର୍ଦ୍ଧାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଗସ୍ତ କରି ୧୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଗୋଟିଏ ମୃଦୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ କରିଛନ୍ତି । ଖୋର୍ଦ୍ଧା ନିକଟ ହଳଦୀପଦାଠାରେ ଆୟୋଜିତ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ ମୁଖ୍ୟମନ୍ତ୍ରୀ ।କାଳିବେତୀଠାରେ ଶ୍ରମିକ ଆବାସ ଗୃହ, ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରି ଓ ଶାଲିମାର ଗ୍ଲାସ୍ ୱାଲ୍ସର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହିତ ଅରାଙ୍ଗଠାରେ ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ପୂଜା ଇଣ୍ଟରନ୍ୟାସନାଲ, ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ ଓ ରେନ୍?ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିୟୁ ଟେକ୍ସଟାଇଲ୍ ପାର୍କ ଶିଳାନ୍ୟାସ କରିଛନ୍ତି । ଗୌଡପୁଟରେ ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟରିଜ୍ ଲିମିଟେଡ୍ ଏବଂ ଖଜୁରିଆଠାରେ ଭୁବନେଶ୍ୱରୀ ଫୁଟ୍ସ ଆଣ୍ଡ୍ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍ ଶିଳାନ୍ୟାସ କାର୍ଯ୍ୟକ୍ରମ କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ବିଭୂତି ଭୂଷଣ ବଳବନ୍ତରାୟ ଉପସ୍ଥିତ ଥିଲେ । ଖୋର୍ଦ୍ଧା ଅଞ୍ଚଳରେ ଦୁଇଟି ସ୍ଥାନରେ ମେକ ଇନ ଓଡିଶା ଓ ଉତ୍କର୍ଷ ଓଡିଶା କନକ୍ଲେଭ ହୋଇଥିଲା । ସେଥିରେ ଅନେକ ପୁଞ୍ଜି ନିବେଶକାରୀ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଆଜି ୧୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପର ଉଦଘାଟନ କରାଯାଇଛି । ଏ ଅଞ୍ଚଳରେ ୬ ହଜାର କୋଟି ଟଙ୍କାର ଇନଭେଷ୍ଟ କରାଯିବ । ଏଥିରେ ୩୦ ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ । ଅର୍ଥନୈତିକ ଅଭିବୃଦ୍ଧି ସରକାରଙ୍କ ଗୋଟିଏ ପଲିସି । ଆଗାମୀ ଦିନରେ ଓଡ଼ଶା ବିକାଶ କ୍ଷେତ୍ରରେ ଆଗକୁ ବଢିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ।

## ଆରମ୍ଭ ହେବ ସ୍ମାର୍ଟ ମିଟର ସତ୍ୟାଗ୍ରହ, ନିଷ୍ପତ୍ତି ପରିବର୍ତ୍ତନ କରାନଗଲେ ମାଡ଼ ଚେତାବନୀ

ଭୁବନେଶ୍ୱର,୩।୪(ପି.ଏନ): ବାରମ୍ବାର ବିଜୁଳି କାଟୁଛନ୍ତି । ଲୋକଙ୍କୁ ଖରାରେ ଉହଳ ବିକଳ କରୁଛନ୍ତି । ସେପଟେ ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଆହୁରି ଶୋଷଣ କରିବା ପ୍ରକ୍ରିୟାକୁ ଜୋରଦାର ବିରୋଧ ଆରମ୍ଭ ହୋଇଯାଇଛି । ଯାହାକୁ ନେଇ ଓଡିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ସ୍ମାର୍ଟ ମିଟର ସତ୍ୟାଗ୍ରହର ଡାକରା ଦେଇଛି । ସ୍ୱାଧୀନତା ପୂର୍ବର ଲବଣ ସତ୍ୟାଗ୍ରହ ଭଳି ଓଡିଶାରେ ଖୁବ ଶୀଘ୍ର ସ୍ମାର୍ଟ ମିଟର ବିରୋଧରେ ଏହି ସତ୍ୟାଗ୍ରହ ହେବ । ସମସ୍ତ ସମଭାବାପନ୍ନ ରାଜନୈତିକ ଦଳ ସହିତ ଗଣସଂଗଠନ ସାଧାରଣ ଲୋକେ ଏହି ସତ୍ୟାଗ୍ରହରେ ସାମିଲ ହେବା ସହ ସରକାର ଓ ବିଦ୍ୟୁତ ବିତରକ କମ୍ପାନୀ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦିଆଯାଇଛି ।ରାଜ୍ୟବ୍ୟାପୀ ହେବାକୁ ଥିବା ଏହି ସତ୍ୟାଗ୍ରହରେ ସମସ୍ତ ସମଭାବାପନ୍ନ ରାଜନୈତିକ ଦଳ ସମେତ ଗଣସଂଗଠନ, ଏନଜିଓ ତଥା ସାଧାରଣ ଲୋକେ ସାମିଲ ହେବେ । ସବୁଆଡେ ସ୍ମାର୍ଟ ମିଟର ଭଙ୍ଗାଯିବା ସହ ଜାଳି ଦିଆଯିବ । ସରକାର ତଥା ବିଦ୍ୟୁତ କମ୍ପାନୀର ଏହି ନିଷ୍ପତ୍ତିକୁ ଜୋରଦାର ପ୍ରତିବାଦ କରାଯିବ । ରାଜ୍ୟରେ ଅସମ୍ଭବ ଭାବେ ଏବେ ଦରଦାମ ବଢିଥିବାବେଳେ ଲୋକଙ୍କ ପାଖରେ ରୋଜଗାର ନାହିଁ । ଏଭଳି ସ୍ଥିତିରେ ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ଲୋକଙ୍କ ପ୍ରତି ଘୋର ଅନ୍ୟାୟ । ଏହି ମିଟର ଲଗାଇଲେ ୭୦ରୁ ୮୦ ପ୍ରତିଶତ ବିଜୁଳି ବିଲ ବଢିବ ବୋଲି ଅଭିଯୋଗ ହୋଇଛି । ସରକାର ଦୁଇ ମାସ ପାଇଁ ମିଟର ରେଣ୍ଟ ଛାଡ଼ ପାଇଁ କହିଛନ୍ତି । କିନ୍ତୁ ଆଗକୁ ରେଣ୍ଟ ସାଧାରଣ ଗ୍ରାହକଙ୍କୁ ହିଁ ଦେବାକୁ ପଡିବ । ତେଣୁ କମ୍ପାନୀକୁ ଲାଭ ଦେବାକୁ ଲୋକଙ୍କୁ ଲୁଣ୍ଠନର ଏହା ବଡ଼ ଅସ୍ତ୍ର ବୋଲି କୁହାଯାଇଛି । ବିଜୁଳି କମ୍ପାନୀଗୁଡିକ ଏହି ସ୍ମାର୍ଟ ମିଟର ମାଧ୍ୟମରେ ଚାରି ଲକ୍ଷ କୋଟି ଲାଭ କରିବେ । ସେହି ଅର୍ଥ ସାଧାରଣ ବିଜୁଳି ଗ୍ରାହକଙ୍କଠାରୁ ଲୁଟ କରାଯିବାର ଯୋଜନା ହୋଇଛି । ଏହାକୁ ନେଇ ଶକ୍ତି ବିଭାଗକୁ ସତର୍କ କରିଛି ବିଦ୍ୟୁତ ଉପଭୋକ୍ତା ମହାସଂଘ ।

## ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା



ଭୁବନେଶ୍ୱର,୩।୪(ପି.ଏନ): ଆସନ୍ତା ୫ ତାରିଖରେ ଏକାମ୍ର କ୍ଷେତ୍ରରେ ବାବା ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା । ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ ଓ ଭଉଣୀ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘରକୁ ଯାତ୍ରା କରିବେ । ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରଥ ଖଳାରେ ଜୋରଦାର ଚାଲିଛି ରଥ ନିର୍ମାଣ । ୯୫ ପ୍ରତିଶତ ରଥ କାମ ଶେଷ ହୋଇଥିବାବେଳେ ଆସନ୍ତାକାଲି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ ସେବାୟତ । ସେପଟେ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ଫୁଲ ସଜ୍ଜା ଓ ସ୍ୱଚ୍ଛତା ନେଇ ବିଏମସି ପ୍ରସ୍ତୁତି କରିଛି ।ଶନିବାର ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା । ରଥ ନିର୍ମାଣରେ ବ୍ୟସ୍ତ ମହାରଣା, କୁମ୍ଭାର ଓ ବେହେରା ସେବାୟତ । ରଥ ଖଳାରେ ୬୫ ଜଣ ସେବାୟତ ଦୀର୍ଘ ୧୦ ଦିନ ରଥ ନିର୍ମାଣ କରୁଛନ୍ତି । ୯୫ ପ୍ରତିଶତ କାମ ସରିଥିବା ବେଳେ ଶୁକ୍ରବାର ପ୍ରଶାସନକୁ ରଥା ହସ୍ତାନ୍ତର ପରେ ସନ୍ଧ୍ୟାରେ ରଥ ପ୍ରତିଷ୍ଠା କରାଯିବ । ବର୍ତ୍ତମାନ ସୁଦ୍ଧା ଚକ ଅଖ, ୫ଟି ଦଣ୍ଡା, ୧୬ କୋଣ ସିଂହା, ୩୩ ପଟା ବିଜ, ଚାରି ନାହାକା, ୧୬ ଜୋକା, ଘଣ୍ଟି, ଓରା ଲାଗି ସାରିଲାଣି । ଏବେ ରଥର ଚାରି ଦୁଆର କାର୍ଯ୍ୟ ଚାଲିଛି । ସେପଟେ ଏକାମ୍ର ସାଂସ୍କୃତିକ ପ୍ରକାଶନ ପକ୍ଷରୁ ୬ ଦିନ ଧରି ଲିଙ୍ଗରାଜ ଫେଷ୍ଟିଭାଲ ପାଳନ ହେବ । ୧୧ଟି ରାଜ୍ୟର ୩୬ ଟି ଗ୍ରୁପ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୮ଶହରୁ ଉର୍ଦ୍ଧ୍ୱ କଳାକାର ସାମିଲ ହେବେ । ପ୍ରତ୍ୟେକ ଦିନ ୬ ଟି ଗ୍ରୁପ, ୩ ଓଡ଼ିଶାର ଓ ୩ ଟି ଗ୍ରୁପ ଓଡ଼ିଶା ବାହାରୁ ଆସିବେ ।ରୁକୁଣା ରଥଯାତ୍ରା ନେଇ ବିଏମସି ସ୍ୱତନ୍ତ୍ର ରଣନିତୀ କରିଛି । ଲିଙ୍ଗରାଜ ମନ୍ଦିର ପାଖରୁ ନେଇ ରଥ ରୋଡ ସବୁର ପରିଷ୍କାର କରାଯିବ। ୫ରୁ ୯ ତାରିଖ ପର୍ଯ୍ୟନ୍ତ ମନ୍ଦିରରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଆଲୋକମାଳାରେ ସଜାଯିବ । ଫୁଲରେ ସଜେଇ ହେବ ମନ୍ଦିର । ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ସହ ପ୍ରାଥମିକ ଚିକିତ୍ସା ସେଣ୍ଟର୍ କରାଯିବ । ଜରୁରୀ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବ ଆମ୍ବୁଲାନ୍ସ ।

## ବିଲ୍ ପାସ ନାଁରେ ରାତିରେ ନଶୋଇ ଦିନରେ ଶୋଇ ପଡ଼ିଲେ ଲୋକଙ୍କ ସରକାର

ଭୁବନେଶ୍ୱର,୩।୪(ପି.ଏନ): ମନ୍ତ୍ରୀ ଶୋଇଛନ୍ତି । ଏକଥା ଆଜି ରାଜ୍ୟର ଅଧିକାଂଶ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଶୁଣିବାକୁ ମିଳିଛି । ରାତିସାରା ବିଧାନସଭା ଚଳାଇ ଦୁଇଟି ବିଲ ପାସ ହେବା ପରେ ନିଘୋଡ ନିଦରେ ଶୋଇ ପଡିଛନ୍ତି ରାଜ୍ୟ ସରକାର । ସରକାରୀ ବାସଭବନରେ ସିଧା ସିଧା ଗେଟ ପାଖରେ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯିଏ ଆସିବ କହିବ, ମନ୍ତ୍ରୀ ଶୋଇଛନ୍ତି । ଏହାକୁ ନେଇ ରାଜଧାନୀରେ ଏକ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଥିଲା ।ବିଧାନସଭା ଚାଲିଥିବାବେଳେ ଖାମଖିଆଲି ଭାବେ ଗୃହକାର୍ଯ୍ୟ ଚାଲିଥିଲା । ହେଲେ ସରିବା ବେଳକୁ ରାତିସାରା ହେଲେ ଅନିଦ୍ରା । ହାଲିଆ ହୋଇ ସକାଳେ ଶୋଇପଡ଼ିଲେ ଲୋକଙ୍କ ସରକାର । ଏପରି ଶୋଇଲେ ଯେ କାହାରିକୁ ଦେଖା ଦେବାକୁ ବି ମନା କରିଦେଲେ ଅନେକ ମନ୍ତ୍ରୀ ।

## ଆଜିଠାରୁ ମାଆ ବୁଢ଼ୀ ଠାକୁରାଣୀ ଯାତ୍ରା, ମୁଖ୍ୟ ମନ୍ଦିରରୁ ବାପ ଘରକୁ ଯିବେ ମାଆ



ବ୍ରହ୍ମପୁର୩।୪(ପି.ଏନ): ଆଜିଠାରୁ ଆରମ୍ଭ ହେବ ବ୍ରହ୍ମପୁର ଆରାଧ୍ୟା ଦେବୀ ମାଆ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା । ମଧ୍ୟ ରାତ୍ରିରେ ମୁଖ୍ୟ ମନ୍ଦିର ଛାଡ଼ି ବାପା ଘର ଦେଶୀ ବେହେରା ସାହିକୁ ଯିବେ ଠାକୁରାଣୀ । ଅସ୍ଥାୟୀ ମନ୍ଦିରରେ ପୂଜା ପାଇବେ ମାଆ । ଏଥିପାଇଁ ସହରବାସୀଙ୍କ ଧେଣ୍ଡୁରା ଦେଇ ନିମନ୍ତ୍ରଣ କଲେ ଦେଶୀ ବେହେରା । ମାଆଙ୍କ ଅସ୍ଥାୟୀ ମନ୍ଦିର ପାଇଁ ରାଜମହେନ୍ଦ୍ରିରୁ ଆସିଛି ଫୁଲ । ଆଜିଠାରୁ ୨୮ ତାରିଖ ଯାଏଁ ଚାଲିବ ଯାତ୍ରା ।ବାଜିଲା ଧେଣ୍ଡୁରା । ବାପା ଘରକୁ ଆସୁଛନ୍ତି ମାଆ ବୁଢ଼ୀ ଠାକୁରାଣୀ । ଚୈତ୍ର ଶୁକ୍ଳ ପକ୍ଷରେ ମୁଖ୍ୟ ମନ୍ଦିର ଛାଡ଼ି ବାପା ଘର ଦେଶୀ ବେହେରା ସାହିକୁ ଆସୁଛନ୍ତି ମାଆ । ସହରବାସୀଙ୍କୁ ନିମନ୍ତ୍ରଣ କଲେ ବାପା ଦେଶୀ ବେହେରା । ଅସ୍ଥାୟୀ ମନ୍ଦିରରେ ୨୮ ତାରିଖ ଯାଏଁ ପୂଜା ପାଇବେ ମାଆ । ଏଥିପାଇଁ ସଜେଇ ହେଲାଣି ପୂରା ସହର । ଅସ୍ଥାୟୀ ମନ୍ଦିର ବି ପ୍ରସ୍ତୁତ । ମାଆଙ୍କ ପାଇଁ ରାଜମହେନ୍ଦ୍ରିରୁ ଫୁଲ ମଗାଇଛନ୍ତି ବାପା । ସନ୍ଧ୍ୟାରେ ଚାଙ୍ଗୁଡ଼ି ପୂଜା ପରେ ରାତ୍ରି ୧୧ଟାରେ ଦେଶୀ ବେହେରା ସାହିରୁ ମାଆଙ୍କୁ ପାଛୋଟି ଆଣିବାକୁ ଯିବ ବିଶାଳ ପଟୁଆର । ପୂଜାର୍ଚ୍ଚନା ପରେ ମାଆଙ୍କ ଆଜ୍ଞାମାଳ ଆଣି ସ୍ଥାପନ ପରେ ଆରମ୍ଭ ହେବ ଯାତ୍ରା । ଏଥିପାଇଁ ଉତ୍ସାହିତ ବାପାଘର ଲୋକେ ଏବଂ ସହରବାସୀ ।ଯାତ୍ରା ପାଇଁ ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି ସମସ୍ତ ପ୍ରସ୍ତୁତି । ରାତିରେ ମାଆଙ୍କ ଘଟ ପରିକ୍ରମା ବେଳେ ହଜାର ହଜାର ଲୋକଙ୍କ ଭିଡ ଜମିବ । ଟ୍ରାଫିକ ନିୟନ୍ତ୍ରଣ ସହ ଯାତ୍ରା ସମୟରେ ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ପୋଲିସ ପକ୍ଷରୁ ରୋଡମ୍ୟାପ ପ୍ରସ୍ତୁତ ହୋଇଛି । ବ୍ରହ୍ମପୁର ଏସପିଙ୍କ ତତ୍ତ୍ୱାବଧାନରେ ବଡବଜାର ଥାନାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଯାତ୍ରା ସମୟରେ ବଡବଜାର ଅଞ୍ଚଳରେ ୬ ପ୍ଲାଟୁନ ପୋଲିସ ଫୋର୍ସ ସହିତ ୩୫ ଜଣ ପୋଲିସ ଅଧିକାରୀ ନିୟୋଜିତ ହେବେ । ଯାତ୍ରା ସ୍ଥଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବ । ଏପ୍ରିଲ ୩ ତାରିଖରୁ ୨୮ ତାରିଖ ଯାଏଁ ଦେଶୀ ବେହେରା ସାହି ତଥା ବଡବଜାରକୁ ଗାଡିମଟର ପ୍ରବେଶ ଉପରେ କଟକଣା ଲାଗିଛି । ରାତି ୧୨ଟାରୁ ଭୋର ୪ଟା ମଧ୍ୟରେ ମାଲ ପରିବହନ କରିବାକୁ ବ୍ୟବସାୟୀଙ୍କୁ ପରାମର୍ଶ ଦିଆଯାଇଛି ।

## ନାହିଁ ନାହିଁରେ ଚାଲିଛି କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟଟନ ବିଭାଗ: ଭୂତକୋଠି ପାଲଟିଛି ୩ଟି କାର୍ଯ୍ୟାଳୟ



କେନ୍ଦ୍ରାପଡ଼ା,୩।୪(ପି.ଏନ): ନାହିଁ ନାହିଁରେ ଚାଲିଛି କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟଟନ ବିଭାଗ । ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଭୂତକୋଠି ପାଲଟିଛି ପର୍ଯ୍ୟଟନ ବିଭାଗର ୩ଟି କାର୍ଯ୍ୟାଳୟ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଉଭୟ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା କଥା ବୁଝୁଥିବାରୁ ଏପରି ସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି ।କେନ୍ଦ୍ରାପଡାରେ ସ୍ଥାଣୁ ପାଲଟିଛି ଜିଲ୍ଲା ପର୍ଯ୍ୟଟନ ବିଭାଗ । ସ୍ଥିତି ଏଭଳି ହୋଇଛି କି ଗୋପଠାରେ ଥିବା ଜିଲ୍ଲା କାର୍ଯ୍ୟାଳୟର ତଦାରଖ କରୁଛନ୍ତି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ । ବିଭିନ୍ନ ସମୟରେ ଅଫିସ ଫାଙ୍କା ପଡୁଥିବାରୁ ସେଠାରେ ଅନ୍ୟ କିଛି ବିଭାଗର କାର୍ଯ୍ୟାଳୟ ଖୋଲି ଦିଆଗଲାଣି । ସେହିଭଳି ଶ୍ୟାମସୁନ୍ଦରପୁରଠାରେ ନିର୍ମାଣ ହୋଇଥିବା କୋଠାର ରକ୍ଷଣାବେକ୍ଷଣ ଅଭାବରୁ ତାହା ଭୂତକୋଠି ପାଲଟିଛି । ନୂଆ ବସଷ୍ଟାଣ୍ଡଠାରେ ଥିବା ଘର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତାବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସଦର ମହକୁମାରେ ୨ଟି ପାନ୍ଥ ନିବାସ ମଧ୍ୟ ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ୟାମଗୁଡିଆଠାରେ ରହିଛି । ଯାହାର ଚତୁପାର୍ଶ୍ୱରେ ପାଣି ଜମି ରହିଥିବା ବେଳେ କୋଠାଟି ଗଛଲତାରେ ଲୁଚି ଗଲାଣି । ସେହିପରି ଅନ୍ୟ ଏକ ଅତିଥି ଭବନ ପୌରାଞ୍ଚଳ ଅନ୍ତର୍ଗତ ଚାଟରାପାଟଣାରେ ରହିଛି । ନିର୍ମାଣ ହେଲା ପରଠାରୁ କୋଠାଟିରେ ତାଲା ପଡିଛି । ଏମିତି ସ୍ଥିତିରେ ଜିଲ୍ଲା ପର୍ଯ୍ୟଟନ ବିଭାଗର ଦୁରାବସ୍ଥା ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଶ୍ରୀମନ୍ଦିର ମେଘନାଦ ପାଚେରୀ ଐତିହ୍ୟ କୀର୍ତ୍ତି ଭାଙ୍ଗିବା ପ୍ରସଙ୍ଗକୁ ନେଇ ଏଏସଆଇର କଡ଼ା ଚେତାବନୀ

ପୁରୀ,୩।୪(ପି.ଏନ): ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ମେଘନାଦ ପାଚେରୀରେ ଥିବା ଐତିହ୍ୟ କୀର୍ତ୍ତିରାଜି ମଗର ମୁଣ୍ଡ ଭଙ୍ଗା ଯିବାକୁ ନେଇ ସୃଷ୍ଟି ହୋଇଛି ବିବାଦ । ପ୍ରାଚୀରର ବହୁ ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗି ସେଠାରେ ଏକ ବଡ଼ ପାଇପ ସଂଯୋଗ କରାଯାଇଥିବା ଘଟଣାରୁ ନେଇ ସେବାୟତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସେପଟେ ଘଟଣାକୁ ନେଇ ବର୍ଷିଛି ଏଏସଆଇ । ଏହା ବହୁତ ବଡ ଭୁଲ ଓ ଏହାଦ୍ୱାରା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇପାରେ । ତେଣୁ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟ ।ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ମେଘନାଦ ପାଚେରୀର ରହିଥିବା ଏକ ମଗର ମୁଖକୁ ଭଙ୍ଗାଯାଇଥିବା ନଜରକୁ ଆସିଛି କ୍ଷ ଏହି ମଗର ମୁଖ ଦେଇ ପୂର୍ବରୁ ଶ୍ରୀମନ୍ଦିର ଭିତରୁ ବର୍ଯ୍ୟ ଜଳ ନିଷ୍କାସନ ହେଉଥିଲା । ହେଲେ ଏହାକୁ ଭାଙ୍ଗି ଏଠାରେ ପାଇପ ସଂଯୋଗ କରାଯାଇଛି । ଯାହାକୁ ନେଇ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି କ୍ଷ ଘଟଣାକୁ ସହଜରେ ହଜମ କରି ପାରୁ ନାହାନ୍ତି ବୁଦ୍ଧିଜୀବୀ ।ସେପଟେ ଘଟଣାକୁ ନେଇ ବର୍ଷିଛି ଏଏସଆଇ । ଏହା ବହୁତ ବଡ ଭୁଲ ଓ ଯିଏ ଏହା କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛନ୍ତି ଇଏଓ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ । ଏହା ଭାଙ୍ଗିବା ପୂର୍ବରୁ ଏଏସଆଇକୁ ଜଣାଯାଇ ନାହିଁ କିମ୍ବା ଖବର ମଧ୍ୟ ଦିଆଯାଇ ନାହିଁ । ସାଇଟ ଇନଚାର୍ଜ ଏସବୁ ଦେଖିବା ପରେ ଅବଗତ କରାଇଛନ୍ତି ଓ ଭାଙ୍ଗିବାର ଫଟୋ ଦେଇଛନ୍ତି ।








# ଫିଟ୍ ରହିବା ପାଇଁ ସପୁରୀ ଜୁସ୍ ସେବନ ଜରୁରି



**ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍‌ର ଏକମାତ୍ର ଖାଦ୍ୟ ଉତ୍ସ।**

ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ।

**ବ୍ରଣ ମୁକ୍ତ ହୁଏ:** ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ୱଳ ତ୍ୱଚା ଫେରାଏ। ବୟସ ବଢ଼ିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି। ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

**ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ:** ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରି ହୋଇଯାଏ। ଏହା ପେଟକୁ ଯନ୍ତ୍ରଣା ଦିଏ। ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ।

**ପ୍ରତିରୋଧକ ଶକ୍ତି:** ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢ଼ିଥାଏ।

# ଯାଆଁଳା ଭଉଣୀଙ୍କୁ ବିବାହ କରିବା ମହଙ୍ଗା ପଡ଼ିଲା

ମହାରାଷ୍ଟ୍ରର ସୋଲାପୁରରୁ ଏକ ବିବାହର ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଦୁଇ ଯାଆଁଳା ଭଉଣୀ ଜଣେ ଯୁବକଙ୍କୁ ପସନ୍ଦ କରି ଜୀବନସାଥୀ ଭାବେ ବାଛି ବିବାହ କରିଥିବା ଦେଖିବାକୁ ମିଳିଥିଲା। ଯାଆଁଳା ଭଉଣୀ ଦୁହେଁ ଆଇଟି ଇଞ୍ଜିନିୟର ଭାବେ କାମ କରନ୍ତି। ତେବେ ଏହି ବିବାହକୁ ନେଇ ଉଭୟ ବର ଓ କନ୍ୟା ପକ୍ଷ ଖୁସି ଥିବା ବେଳେ ପୁଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରିଛି। ସୋସିଆଲ ମିଡିଆରେ ଏହି ବିବାହ ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଦୁଇଭଉଣୀ ପିଙ୍କି ଓ ରିଙ୍କି ଦୁହେଁ ଆଇଟି ଇଞ୍ଜିନିୟର ଓ ସେମାନେ ମୁମ୍ବାଇରେ କାମ କରନ୍ତି। ଦୁଇ ଯାଆଁଳା ଭଉଣୀ ଅତୁଲ ନାମକ ଯୁବକଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। ଦୁହେଁ ପିଲାଟି ଦିନରୁ ଏକାଠି ରହି ଆସୁଥିବା ବେଳେ ବିବାହ ପରେ ବି ଏକାଠି ରହିବାକୁ ସ୍ଥିର କରିଥିଲେ। ଏଭଳି ସମୟରେ ଦୁହିଁଙ୍କ ଜୀବନରେ ଅତୁଲ ନାମକ ଜଣେ ପୁରୁଷ ଆସିଥିଲେ। ଅତୁଲଙ୍କ ମୁମ୍ବାଇରେ ଟ୍ରାଭେଲ ଏଜେନ୍ସି ରହିଛି। ତେବେ ରିଙ୍କ ଓ ପିଙ୍କିଙ୍କ ବାପାଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ମା'ଙ୍କ ସହିତ ରହୁଥିଲେ। ଏକଦା ତାଙ୍କ ମା'ଙ୍କ ମୃତ୍ୟୁ ହୋଇଯିବା ପରେ ସେମାନେ ଅତୁଲଙ୍କ କାର ଭଡ଼ାରେ ନେଇଥିଲେ। ଏହି ସମୟରେ ଅତୁଲ ଦୁଇଭଉଣୀଙ୍କ ସଂସ୍ପର୍ଶରେ ଆସିଥିଲେ। କିଛିଦିନ କଥାବର୍ତ୍ତା ହେବାପରେ ପିଙ୍କି ଓ ରିଙ୍କି ଅତୁଲଙ୍କୁ ବିବାହ କରିବେ ବୋଲି ସ୍ଥିର କରିଥିଲେ। ଏହାପରେ ଅତୁଲ ପିଙ୍କି ଓ ରିଙ୍କିଙ୍କୁ ବିବାହ କରିବେ ବୋଲି ଘରେ କଥା ପକାଇଥିଲେ। ଅତୁଲଙ୍କ ପରିବାରଲୋକ ରିଙ୍କି ଓ ପିଙ୍କିଙ୍କ ମା'ଙ୍କ ସହିତ କଥା ହୋଇ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ବିବାହରେ ତିନିଜଣ ଅର୍ଥାତ ଅତୁଲ, ରିଙ୍କି ଓ ପିଙ୍କି ବହୁତ ଖୁସି ଥିବା ବେଳେ ଅକଲଜ ପୁଲିସ ଥାନା ବର ବିରୋଧରେ ଧାରା ୪୯୪ରେ ମାମଲା ରୁଜୁ କରିଛନ୍ତି। ଏହି ଧାରା ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ ଜୀବିତ ଥିବା ଅବସ୍ଥାରେ କେହି ବି ଅନ୍ୟ ଜଣଙ୍କୁ ବିବାହ କରି ପାରିବେ ନାହିଁ। ଏଭଳି ସ୍ଥିତିରେ ବିବାହ କରିବା ବେଆଇନ ଅଟେ। ଦୁଇଜଣ ମହିଳାଙ୍କୁ ବିବାହ କଲେ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହିତ ଜରିମାନା ବି ରହିଛି। ତେବେ ଏହି ମାମଲା ଏଥିପାଇଁ ରୁଜୁ ହୋଇଛି କାରଣ ଦୁଇ ଜଣ ମହିଳାଙ୍କୁ ଏକାଠି ବିବାହ ହିନ୍ଦୁ ପ୍ରଥାରେ ନାହିଁ।

# ରୁଷୀୟ ବାଳକର ଯୁକ୍ତି, ମୁଁ ମଙ୍ଗଳରୁ ଆସିଛି !

'ଡେଲି ଷ୍ଟାର'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରୁଷିଆର ବୋଲଗୋଗ୍ରାଡ୍‌ବାସୀ ବୋରିସ କିପ୍ରିୟାନୋଭିକ୍ ନାମକ ଜଣେ ବାଳକ ନିଜକୁ ଭିନ୍ନ ଗ୍ରହର ମନୁଷ୍ୟ ବୋଲି ଦାବି କରିଛି। ଖାଲି ସେତିକି ନୁହେଁ, ଏ ପ୍ରକାର ବିଭୀଷିକାମୟ ସ୍ଥିତିରୁ ପୃଥିବୀକୁ ବଞ୍ଚାଇବା ଲାଗି ସେ ମଙ୍ଗଳ ଗ୍ରହରୁ ଏଠିକି ଆସିଛି ବୋଲି କହୁଛି। ଏପରିକି ଏହି ନାବାଳକ ଜଣକ ନିଜର ଅଗାଧ ଜ୍ୟୋତିଃଜ୍ଞାନ ଓ ତତ୍‌ସଂକ୍ରାନ୍ତ ଉଦ୍ଭଟ ତତ୍ତ୍ୱ ବଖାଣି ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବୋରିସ୍‌ର ଯୁକ୍ତି ହେଲା, ସେ ମଙ୍ଗଳ ଗ୍ରହର ଅନ୍ୟ ବାସିନ୍ଦାଙ୍କ ସହ ନିଜର ପୂର୍ବଜନ୍ମ ବିତାଇ ସାରିଛି। ସେହି ମଙ୍ଗଳବାସୀଙ୍କର ଅନ୍ତଃଗ୍ରହୀୟ ଏପରିକି ଅନ୍ତଃନକ୍ଷତ୍ରୀୟ ଗମନାଗମନ ବ୍ୟବସ୍ଥା ରହିଥିଲା। ତେବେ ଏଠାରେ ମାନବ ସମାଜକୁ ଧ୍ୱଂସ ହେବାରୁ ରକ୍ଷା କରିବା ପାଇଁ ତାକୁ ପୃଥିବୀକୁ ପଠାଯାଇଛି। ବିଗତ ବର୍ଷମାନଙ୍କରେ ସେ ଅନେକ ଥର ପୃଥିବୀ ପରିଭ୍ରମଣରେ ଆସିଥିଲା। ତାହାର ଗସ୍ତଗୁଡ଼ିକ ବିଶେଷ କରି ଲେମୁରୀୟ ସମୟରେ ହୋଇଥିଲା, ଯାହା ନିୟୁତ ନିୟୁତ ବର୍ଷ ତଳେ ଭାରତ ମହାସାଗରରେ ରହିଥିବା ଏକ କାଳ୍ପନିକ ମହାଦେଶକୁ ସୂଚାଏ। ସେ ମଧ୍ୟ ନିଜର ଏକ ଛଅସ୍ତରୀୟ ମହାକାଶଯାନ ନିର୍ମାଣ କରିଥିବା ଦାବି କରିଛି ଯେଉଁଥିରେ ସେ ଅନାୟାସରେ ମହାକାଶ ଭ୍ରମଣ କରିପାରିବ। ପେସାରେ ଜଣେ ଡାକ୍ତର ଥିବା ବୋରିସ୍‌ର ମାଆ ମଧ୍ୟ ତାହାର ଜନ୍ମବେଳର ଅଦ୍ଭୁତ ଅଭିଜ୍ଞତାକୁ ବର୍ଣ୍ଣନା କରି ବୋରିସ କଥାରେ କିଛି ସତ୍ୟତା ଥିବା କହିଛନ୍ତି। ରୁଷୀୟ ବିଜ୍ଞାନ ପ୍ରତିଷ୍ଠାନର କିଛି ବିଶେଷଜ୍ଞ ମଧ୍ୟ ବୋରିସର ଶରୀରରୁ



# ମୁଁ କିଛି ଭାବିବା ପରେ ନିଷ୍ପତ୍ତି ନିଏ

ବଲିଉଡର ମିଷ୍ଟର ପରଫେକ୍ଟନିଷ୍ଟ ତଥା ଅଭିନେତା ଅମୀର ଖାନ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ତାଙ୍କ କ୍ୟାରିୟରରେ ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇଛନ୍ତି। ଯାହା ଭାରତୀୟ ସିନେମା ପାଇଁ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି। ଅମୀର ଖାନଙ୍କୁ 'ମିଷ୍ଟର ପରଫେକ୍ସନିଷ୍ଟ' ମଧ୍ୟ କୁହାଯାଏ। କିନ୍ତୁ ନିକଟରେ ଏକ ସାକ୍ଷାତକାରରେ ଅମୀର ଖାନ ନିଜେ କହିଛନ୍ତି ଯେ ସେ ନିଜକୁ ଜଣେ ପରଫେକ୍ଟନିଷ୍ଟ ବୋଲି ଭାବନ୍ତି ନାହିଁ। ସେ କହିଥିଲେ କି ସେ ମୁଣ୍ଡରୁ ନୁହେଁ ହୃଦୟକୁ ଶୁଣନ୍ତି ଏବଂ ଯାଦୁ ଖୋଜନ୍ତି। ଏକ ସାକ୍ଷାତକାରରେ ଅମୀର କିଛି କହିଛନ୍ତି। ଅମୀର କହିଛନ୍ତି, 'ଲୋକମାନେ ଭାବନ୍ତି ଯେ ମୁଁ ଜଣେ ପରଫେକ୍ଟନିଷ୍ଟ, ମୁଁ କିଛି ବଡ଼ ଭାବିବା ପରେ ନିଷ୍ପତ୍ତି ନିଏ, ସେମାନେ ସମ୍ପୂର୍ଣ୍ଣ ବୋକା ଭୁଲ୍। ପ୍ରଥମେ ମୁଁ ଚିନ୍ତା କରୁଥିଲି । ଯେତେବେଳେ ମୁଁ ଭୁଲ୍ କରୁଥିଲି। କିନ୍ତୁ ବର୍ତ୍ତମାନ ମୁଁ କେବଳ ମୋ ହୃଦୟରୁ ନିଷ୍ପତ୍ତି ନେଉଛି...। କାହିଁକି ନା ମୁଁ ଲଜିକ୍‌ରେ ଚାଲିବା ବନ୍ଦ କରି ଦେଇଛି । ମୁଁ କେବଳ ମୋର ହୃଦୟକୁ ଅନୁସରଣ କରୁଛି। ମୁଁ ଯାଦୁ ଖୋଜୁଛି, ଯାଦୁ ଚାହେଁ, ପରଫେକସନ୍ ନୁହଁ। କହିବାକୁ ଗଲେ ଏକ ସାକ୍ଷାତକାରରେ ଅମୀର ଜୀବନକୁ ନେଇ ଅନେକ କାହାଣୀ ମଧ୍ୟ ଉଲ୍ଲେଖ କରିଛନ୍ତି ଏବଂ ନିଜେ ମଧ୍ୟ ସିନେମା ଉପରେ ଖୋଲାଖୋଲି କଥା ହୋଇଥିଲେ। ନିକଟରେ ତାଙ୍କ ଶେଷ ଫିଲ୍ମ ରିଲିଜ୍ ହେଲା ଲାଲ ସିଂ ଚଢା, ଯାହା ଏକ ଫ୍ଲପ୍ ବୋଲି ପ୍ରମାଣିତ ହୋଇଥିଲା। ଏହି ଚଳଚ୍ଚିତ୍ରଟି ଅମୀର ଖାନଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିଲା। ଯାହା ବକ୍ସ ଅଫିସରେ ଏକ ବଡ଼ ହିଟ୍ ବୋଲି ପ୍ରମାଣିତ ହୋଇଥିଲା। ହେଲେ ଏହା ଓଟିଟିରେ ରିଲିଜ୍ ହେବା ପରେ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ପସନ୍ଦ ଆସିଥିଲା ଏବଂ ପ୍ରଶଂସା କରାଯାଇଥିଲା।





# ଦିବ୍ୟାଙ୍ଗ ଭୂମିକାରେ ସୈୟାମୀ

କ୍ରିକେଟ୍ ଉପରେ ଆଧାରିତ ଅନେକ ଫିଲ୍ମ ଦର୍ଶକ ଦେଖିଛନ୍ତି। କିନ୍ତୁ ସୈୟାମୀ ଖେର ଏଭଳି ଏକ ଫିଲ୍ମରେ ପରଦାକୁ ଆସିବେ, ଯାହା କେବଳ କ୍ରିକେଟ୍ ପ୍ରେମୀଙ୍କୁ ନୁହେଁ, ବରଂ ସବୁ ଲୋକଙ୍କ ମନରେ ସମସ୍ୟା ସହ ଲଢ଼ିବାର ଉତ୍ସାହ ସୃଷ୍ଟି କରିବ। ଫିଲ୍ମ ଦୁନିଆରେ ନିଜର ପ୍ରତିଭା ପ୍ରଦର୍ଶନରେ ଏପର୍ଯ୍ୟନ୍ତ ସଫଳତା ପାଇନାହାନ୍ତି ସୈୟାମୀ। ଏଥର କିନ୍ତୁ ଜଣେ କ୍ରୀଡ଼ାବିତ୍ ମହିଳା ଚରିତ୍ରରେ ଲୋକଙ୍କ ହୃଦୟରେ ଓ ବଲିଉଡ୍‌ରେ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ । ଫିଲ୍ମର ଟାଇଟଲ୍ 'ଘୂମର'। ଏହା ଆର ବାଲ୍‌କୀଙ୍କ ନିର୍ଦ୍ଦେଶିତ ଏକ ସ୍ପୋର୍ଟସ୍ ଡ୍ରାମା। ଏଥିରେ ସୈୟାମୀ ଜଣେ ଦିବ୍ୟାଙ୍ଗ ମହିଳା କ୍ରିକେଟର ଭୂମିକାରେ ନଜର ଆସିବେ। ଦିବ୍ୟାଙ୍ଗ ହୋଇ କ୍ରିକେଟର ହେବାର ସ୍ୱପ୍ନ ଦେଖିବା ଏବଂ ତମାମ ସମସ୍ୟାର ସମ୍ମୁଖୀନ ହୋଇ ନିଜ ସ୍ୱପ୍ନକୁ ସାକାର କରିବାର କାହାଣୀ ସେ ବଡ଼ ପରଦାରେ ଦେଖାଇବେ । ଫିଲ୍ମକୁ ନେଇ ସେ ଖୁବ୍ ଆଶାବାଦୀ। ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ନିଜ ଭୂମିକା ବିଷୟରେ ସେ କହିଛନ୍ତି 'ଘୂମର'ମୋ ପାଇଁ ଏପର୍ଯ୍ୟନ୍ତର ସର୍ବାଧିକ ଶାରୀରିକ ଓ ମାନସିକ ଭାବେ ଚ୍ୟାଲେଞ୍ଜିଂ ଭୂମିକା। ଜଣେ ବିକଳାଙ୍ଗ କ୍ରିକେଟର ଭାବେ ମୋ ଯାତ୍ରା ବେଶି ଚ୍ୟାଲେଞ୍ଜିଂ ଥିଲା।' ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ମୁଖ୍ୟ ଭୂମିକାରେ ଅଛନ୍ତି ଅଭିଷେକ ବଚ୍ଚନ। ସିନେ ଜଗତରେ ନିଜର ପରିଚୟ ସୃଷ୍ଟି ଲାଗି କଠିନ ପରିଶ୍ରମ କରୁଥିବା ସୈୟାମୀଙ୍କୁ ଜଣେ ଗ୍ଲାମରସ୍ ଅଭିନେତ୍ରୀ ଭାବେ ଦର୍ଶକ ଜାଣନ୍ତି। କିନ୍ତୁ ଗ୍ଲାମର ଜଗତକୁ ଆସିବା ପୂର୍ବରୁ ସେ ଜଣେ କ୍ରୀଡ଼ାବିତ୍ ଥିଲେ। ସେ ଜଣେ କ୍ରିକେଟର ବି ଥିଲେ। ମହାରାଷ୍ଟ୍ର ପାଇଁ ସେ ରାଜ୍ୟସ୍ତରୀୟ କ୍ରିକେଟ୍ ଖେଳିଥିଲେ। କ୍ରିକେଟ୍ ପାଇଁ ତାଙ୍କର ଭଲପାଇବା ଏବେ ବି ରହିଛି। ଫିଲ୍ମ 'ଘୂମର'ର କାହାଣୀ ହଙ୍ଗେରୀର ଦିବ୍ୟାଙ୍ଗ ରାଇଟ୍ ହ୍ୟାଣ୍ଡ ଶୁଟର କାରୋଲି ଟାକାକ୍ସଙ୍କ ଦ୍ୱାରା ପ୍ରେରିତ, ଯିଏକି ବାମ ହାତରେ ଦୁଇଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କର ଏହି ପ୍ରେରଣାପ୍ରଦ କାହାଣୀକୁ କ୍ରିକେଟ୍ ମାଧ୍ୟମରେ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ଫିଲ୍ମମେକର ନିଷ୍ପତ୍ତି ନେଲେ। ଫିଲ୍ମ 'ମିର୍ଜିୟା' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ସୈୟାମୀ ଏକାଧିକ ଫିଲ୍ମ ଓ ୱେବ୍ ସିରିଜ୍‌ରେ କାମ କରିଛନ୍ତି। କିନ୍ତୁ ସଫଳ ହୋଇନାହାନ୍ତି। ଅପ୍‌କମିଙ୍ଗ ଫିଲ୍ମକୁ ନେଇ ତାଙ୍କର ଅନେକ ଆଶା। ଏଇଟି ଆସନ୍ତା ବର୍ଷ ମୁକ୍ତିଲାଭ କରିବ।

# ରକ୍ତରେ ଶର୍କରା ପରିମାଣ ହ୍ରାସ କରେ କଲରା

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟିଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟକର, ମାତ୍ର ରୋଗକୁ ଆୟତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ। ଏହି ରୋଗକୁ ଆଦୌ ଅଣଦେଖା କରାନଯାଇପାରେ। ଏହାକୁ ଅଣଦେଖା କଲେ ଅନେକ ପାର୍ଶ୍ୱ ରୋଗ ବାହାରିଯିବାର ସମ୍ଭାବନା ରହିଛି। ତେବେ ଆପଣ ଯଦି ଏହି ରୋଗକୁ ଆୟତରେ ରଖିବାକୁ ଚାହାନ୍ତି ତେବେ କଲରା ପରି ଭଲ ପରିବା ଆପଣଙ୍କ ପାଇଁ ଅନ୍ୟ କିଛି ହୋଇ ନପାରେ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା, କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ୍ କରାଯାଇପାରେ। ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ ଇନ୍‌ସୁଲିନ୍ ପୋଲିପେପ୍‌ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲସିସେମିଆ ରୋଗ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅପ୍ରେଲ ୪

# ଓଡ଼ିଶାରେ କୃଷି ଲାଭଜନକ ନୁହେଁ



ନିମାଇଁ ଚରଣ ଦାସ

ଆମ ରାଜ୍ୟ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଲୋକ ଭିଭିନ୍ନ କୃଷି କାର୍ଯ୍ୟରେ ନିୟୋଜିତ। ଆମ ରାଜ୍ୟର ମୃତ୍ତିକା କୃଷି ପାଇଁ ଉପଯୁକ୍ତ ହୋଇଥିବା ବେଳେ ଏହି ଜଳବାୟୁରେ ମଧ୍ୟ ସବୁ ପ୍ରକାର ଫସଲ ଉତ୍ପାଦନ ସମ୍ଭବପର। କିନ୍ତୁ ଆମ ରାଜ୍ୟର ଏକର ପିଛା ଅମଳ ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ବିହାର ଓ ପଞ୍ଜାବ ହରିଆଣା ଠାରୁ ଯଥେଷ୍ଟ କମ୍। ପଶ୍ଚିମବଙ୍ଗରେ ଏକର ପିଛା ଧାନ ଅମଳ ୨୦ କ୍ୱିଣ୍ଟାଲ ଥିଲା ବେଳେ ଆମ ରାଜ୍ୟରେ କେବଳ ୧୦ ରୁ ୧୨ କ୍ୱିଣ୍ଟାଲ ରହିଛି। ଯାହା ଫଳରେ ଆମ ଧାନ ଚାଷୀମାନେ ଲାଭବାନ ହୋଇ ପାରୁନାହାନ୍ତି। କେବଳ ଧାନ ଫସଲ ନୁହେଁ ଅନ୍ୟ ଫସଲ ଓ ପନିପରିବା ଚାଷରେ ମଧ୍ୟ ଆମକୁ ଅନ୍ୟ ରାଜ୍ୟ ଉପରେ ପ୍ରତ୍ୟେକ୍ଷ ଭାବରେ ନିର୍ଭର କରିବାକୁ ପଡୁଛି। ଏହାର ପ୍ରକୃତ କାରଣ ହେଉଛି ଅନ୍ୟ ରାଜ୍ୟଗୁଡ଼ିକ ପରି ଆମ ରାଜ୍ୟର ଚାଷୀମାନେ ଉନ୍ନତ ବିହନ, କୀଟନାଶକ, ଆଧୁନିକ ସମୟର କୃଷି ବୈଷୟିକ ଜ୍ଞାନ ଯଥେଷ୍ଟ ଭାବରେ ପାଇପାରୁନାହାନ୍ତି। ଆମେରିକା ଜନସଂଖ୍ୟାର ୨ ପ୍ରତିଶତ ଲୋକ ଚାଷ କରନ୍ତି ତଥାପି ଆମେରିକା ନିଜ ଦେଦଶର ଆବଶ୍ୟକତାକୁ ପୂରଣ କରି ଅନ୍ୟ ଦେଶକୁ ରପ୍ତାନି କରୁଛି ତାହାର କାରଣ ଏହି ଯେ ସେ ଦେଶର ଚାଷୀମାନେ ସର୍ବଦା ଆଧୁନିକ ଚାଷ ପ୍ରଣାଳୀକୁ ଅନୁସରଣ କରନ୍ତି। ତାଙ୍କ ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ସର୍ବଦା ତତ୍ପର ହୋଇ ଚାଷୀମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା, ତାଙ୍କ ଦେଶରେ ଥିବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ଭାବନ କରୁଥିବା ପ୍ରତ୍ୟେକ ଉତ୍ପାଦକୁ ବିଭିନ୍ନ ପ୍ରକାରର ପରୀକ୍ଷା ପରେ ଚାଷୀମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ଉତ୍ସାହିତ କରାଇ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି। ସେହିପରି ଆମ ଦେଶର ପଞ୍ଜାବ, ହରିୟାଣା, ଆନ୍ଧ୍ର, କେରଳ ପ୍ରଭୃତି ରାଜ୍ୟର ଚାଷୀମାନେ ଉନ୍ନତ ବିହନ, କୀଟନାଶକ, ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରନ୍ତି। ସେହିସବୁ ରାଜ୍ୟରେ କେବଳ ଭଲ ଫସଲ ନୁହେଁ, ମାଛ, କୁକୁଡ଼ା ମାଂସ ଓ ଅଣ୍ଡା, ଦୁଧ ଓ ପନିପରିବା ବ୍ୟବହାର କରି ଅନେକ ଲାଭବାନ ହେଉଛନ୍ତି। ଆମ ରାଜ୍ୟରେ ଯେତେବେଳେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ସେତେବେଳେ ଆମେରିକା ସହଯୋଗରେ ଏହା ପ୍ରତିଷ୍ଠା ହୋଇପାରିଥିଲା। ସେହି ସମୟରେ ଅନେକ ଆମେରିକୀୟ କୃଷି ବିଜ୍ଞାନୀ, ପଶୁ ବିଜ୍ଞାନୀମାନେ ଆମ ରାଜ୍ୟରେ ରହି ଏହି କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ଉନ୍ନତିର ଶିଖରକୁ ନେବାପାଇଁ ଅନେକ ଚେଷ୍ଟା ଚଳାଇଥିଲେ। ଆମ ଦେଶରେ କୃଷିର ଉନ୍ନତି ପାଇଁ କେନ୍ଦ୍ରୀୟ ଗବେଷଣାମାନ ଖୋଲା ଯାଇଅଛି। ଓଡ଼ିଶାରେ ଥିବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ କୃଷି ବୈଜ୍ଞାନିକମାନେ ଅନେକ ପ୍ରକାରର ଉନ୍ନତମାନର ବିହନ ଉଦ୍ଭାବନ କରିଛନ୍ତି। ତା'ଛଡ଼ା ଆହୁରି କଟକର ବିଦ୍ୟାଧରପୁରଠାରେ ଥିବା କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଅନେକ ପ୍ରକାରର ଧାନ ଯାହାକି କମ୍ ଖର୍ଚ୍ଚରେ ଓ ଅଳ୍ପ ଦିନରେ ହୋଇପାରୁଥିବ ସେହପ୍ରକାର ଧାନର ବିହନ ଉଦ୍ଭାବନ କରିଥିଲେ। କିନ୍ତୁ ତାହାର ଉପଯୁକ୍ତ ପ୍ରଚାର ଓ ପ୍ରସାର ହୋଇପାରୁ ନଥିବାରୁ ଆମେ ରାଜ୍ୟର ଚାଷୀମାନେ ତାହାର ସୁଫଳ ଉଠାଇ ପାରୁନାହାନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଥିବା କୃଷି ବଭାଗର ଅଫିସର ବା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଚାଷୀମାନଙ୍କ ପାଖକୁ ଯାଉନାହାନ୍ତି ବା ସେମାନଙ୍କୁ ଏହାର ସୁବିଧା ସୁଯୋଗ ବିଷୟରେ ଅବଗତ କରାଉନାହାନ୍ତି। ଆଗେ ପ୍ରତି ବ୍ଲକରେ ଜଣେ କୃଷି ଅଧିକାରୀ, ଗ୍ରାମ ସେବକ ଓ ଗ୍ରାମସେବିକାମାନେ ଗାଁ କୁ ଗାଁ ବୁଲି ଚାଷୀମାନଙ୍କ ଚାଷ ପ୍ରଣାଳୀରେ ଥିବା ଅଭାବ ଅସୁବିଧାକୁ ବ୍ଲକରେ ଥିବା କୃଷିଅଧିକାରୀମାନଙ୍କ ଜରିଆରେ ଓ ବିଡ଼ିଓଙ୍କ ମାଧ୍ୟମରେ ତାହାର ସମାଧାନର ବାଟ ବାହାର କରି ଚାଷୀମାନଙ୍କୁ ଉତ୍ସାହିତ କରାଉଥିଲେ। ସେତେବେଳେ ଯଦିଓ ଏତେ ପରିମାଣରେ ଆଧୁନିକ ଚାଷ ପ୍ରଣାଳୀର ସୁବିଧା ନଥିବା। ତଥାପି ଆମ ରାଜ୍ୟର ଚାଷୀମାନେ ନିଜର ଚାଷକରି ଯେତିକି ନିଜ ପାଇଁ ଆବଶ୍ୟକ ତାହା ନିଜ ପାଖରେ ରଖି ବଳକାତକ ବଜାରରେ ବିକ୍ରି କରିପାରୁଥିଲେ। କିନ୍ତୁ ଚାଷର ଆଧୁନିକୀକରଣ ହେବା ସତ୍ତ୍ୱେ ସରକାରୀସ୍ତରରେ ଆନ୍ତରିକତାର ଅଭାବରୁ ଓଡ଼ିଶାର ଚାଷୀମାନେ ଉନ୍ନତି କରିପାରୁ ନାହାନ୍ତି। କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି। ପ୍ରତି ବିଭାଗରେ ଛାତ୍ରଛାତ୍ରୀମାନେ ଅନେକ ଗବେଷଣା କରି ପୁରସ୍କୃତ ହେଉଛନ୍ତି।

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଏହି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାର ଉପଯୁକ୍ତ ସ୍ଥାନରେ ସ୍ଥାପିତ କରି ଚାଷର ଆଧୁନିକୀକରଣରେ ବିନିଯୋଗ ନ କରାଇ ପାରିବାରୁ ସେମାନେ ଏଠାରୁ ପାସ୍ କରିବା ପରେ କୌଣସି ବଡ଼ ବଡ଼ ବ୍ୟାଙ୍କ, ରାସାୟନିକ କମ୍ପାନୀ, ଆଇଏଏସ୍ ପରୀକ୍ଷା ଦେଇ ନିଜର ମୌଳିକ ଶିକ୍ଷାଗତ ଯୋଗ୍ୟତା ଠାରୁ ଅନେକ ଦୂରକୁ ଚାଲିଯାଉଛନ୍ତି। ଯାହା ଫଳରେ ଚାଷ ଓ ଚାଷୀ ଅବହେଳିତ ଅବସ୍ଥାରେ ରହିଯାଉଛନ୍ତି।

ଆଉ ଗୋଟିଏ ବଡ଼ କଥା ହେଲା ଯେ ଆଜିକାଲି ନିୟମିତ ଋତୁର ଯେପରି ଅହେତୁକ ପରିବର୍ତ୍ତନ ହେଉଛି ସେଥିରେ ମଧ୍ୟ ଚାଷୀମାନେ କୃଷି କର୍ମକୁ ଡରି ଯାଉଛନ୍ତି। ଆମ ରାଜ୍ୟରେ କେବଳ ଧାନ ଚାଷକୁ ଛାଡ଼ିଦେଲେ ଅନ୍ୟ ସବୁ ପ୍ରକାରର ଯଥା ମାଛ, କୁକୁଡ଼ା, ଛତୁ, ଛେଳି, ଘୁଷୁରି, ମହୁ, କଙ୍କଡ଼ା, ମଇଁଷି ପାଳନ ଇତ୍ୟାଦି ଅନେକ ଚାଷ କରି ହୁଅନ୍ତା, କିନ୍ତୁ ଆମ ରାଜ୍ୟର ଚାଷୀମାନେ ଅନେକ ଗରିବ ହୋଇଥିବାରୁ ଓ ଯାହାବା ଚାଷ କରିଛନ୍ତି ତା'ର ଯଥେଷ୍ଟ ବ୍ୟବସାୟୀକରଣ ହୋଇପାରିନି କାରଣ ସବଜି ମଣ୍ଡିର ଅଭାବ, ଶୀତଳ ଭଣ୍ଡାର ଅଭାବ, କେନାଲ ଦ୍ୱାରା ଜଳ ସେଚନ ସୁବିଧା ନାହିଁ ଯଦିଓ କେନାଲ ଅଛି, କୃଷି ମନ୍ତ୍ରୀଙ୍କ ଠାରୁ କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଓ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବା ଗବେଷକମାନେ କେବେ ବି ପ୍ରକୃଷ୍ଟ କ୍ଷେତ୍ର ପ୍ରଦର୍ଶନ କରନ୍ତି ନାହିଁ ବା ଚାଷୀମାନଙ୍କୁ ଆଧୁନିକ ଚାଷ ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦେବାକୁ କୁଣ୍ଠାବୋଧ କରନ୍ତି। ରାଜ୍ୟରେ ଦୁଇ ପ୍ରକାରର ଚାଷୀ ଅଛନ୍ତି, କିଛି ଚାଷୀ ଟିଭି ଓ ରେଡ଼ିଓ ମାଧ୍ୟମରେ ନୂତନ ଚାଷ ପ୍ରଣାଳୀ ଦେଖି ଅନୁସରଣ କରନ୍ତି। ପୁରୁଣା ଚାଷ ପ୍ରଣାଳୀକୁ ଆପଣାଇ ଚାଲନ୍ତି। କାରଣ ସେମାନେ ଏତେ ଗରିବ ଯେ ଯଦି ବିହନ କିଣି ଆଣୁଛନ୍ତି ତେବେ ସାର ପାଇଁ ପଇସା ନାହିଁ। ଯଦି ସାର ଆଣିଲେ ତେବେ ଔଷଧ ପାଇଁ ପଇସା ନାହିଁ। ତେଣୁ ସେମାନେ ଆଗେଇ ପାରନ୍ତି ନାହିଁ। ଆମେରିକାରେ ପ୍ରତି କାଉଣ୍ଟିରେ କୃଷିର ଉତ୍ପାଦନ ବୃଦ୍ଧି ପାଇଁ କୃଷି ବିଶେଷଜ୍ଞମାନେ ସିଧା ଚାଷୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା ଦ୍ୱାରା ଚାଷୀମାନଙ୍କ ଉତ୍ପାଦନ ବଢ଼ାଇବା ପାଇଁ ସାହାଯ୍ୟ କରନ୍ତି। ଦେଶରେ ଯେତେବେଳେ ଯେଉଁ ସରକାର ଆସିଲା ସେହି ସରକାର ଚାଷୀମାନଙ୍କ ପାଇଁ ଅନେକ ଉନ୍ନତିମୂଳକ ପଦକ୍ଷେପ ନେବାକୁ ଘୋଷଣା କରୁଛନ୍ତି। ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ସେଗୁଡ଼ିକ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଫଳରେ ଚାଷୀମାନେ ଚାଷରେ ଉନ୍ନତ କରି ପାରୁନାହାନ୍ତି। ତେଣୁ ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଇବାରେ ଲାଗିଛି। ଆମ ଦେଶରେ ଏବେ ଅନେକ ପ୍ରକାର ଖାଦ୍ୟ ଓ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରିଛି। କିନ୍ତୁ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ କୃଷି ପ୍ରକ୍ରିୟାକରଣ ଉପରେ କୌଣସି ଗୁରୁତ୍ୱ ପ୍ରଦାନ କରାଯାଇନାହିଁ। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ସହିତ ଖାଉଟିମାନେ ମଧ୍ୟ ଲାଭବାନ ହୋଇପାରିବେ। ଏ ଦିଗରେ ସରକାର ଯଥେଷ୍ଟ ପରିମାଣରେ ଏ ସବୁର ଗୁରୁତ୍ୱ ଉପଲବ୍ଧି କରି ଆନ୍ତରିକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

*ବରିଷ୍ଠ ସାମ୍ବାଦିକ, ମୋ: ୭୯୭୮୭୦୪୮୮୪*
*e-mail: nimaicharan68@gmail.com*

# ବ୍ୟକ୍ତିତ୍ୱ ବିକାଶରେ କେବଳ ପୋଷାକ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରେ କି ?



ଡ. ବିମଳ ଷଡଙ୍ଗୀ

ବ୍ୟବହାର,ଜଳବାୟୁ,ସଂସ୍କୃତିକୁ ନେଇ ପୋଷାକର ସୃଷ୍ଟି । ଚାଷୀଟି କୃଷିକ୍ଷେତ୍ରରେ ଯେପରି ପୋଷାକ ବ୍ୟବହାର କରିବ,ସୈନିକଟି ଯୁଦ୍ଧକ୍ଷେତ୍ରରେ ଆବଶ୍ୟକୀୟ ପୋଷାକ ବ୍ୟବହାର କରିବ, ପିଲାମାନେ ବିଦ୍ୟାଳୟରେ ତାଙ୍କର ପୋଷାକ, ନୃତ୍ୟକରୁଥିବା ନର୍ତ୍ତକୀଟି ତାର, ଇତ୍ୟାଦି ପରସ୍ପରର ଆବଶ୍ୟକତାକୁ ନେଇ ପୋଷାକ ବ୍ୟବହାର କରିଥାଆନ୍ତି । ସେହିପରି ଗ୍ରୀଷ୍ମମଣ୍ଡଳ ଓ ଥଣ୍ଡା ମଣ୍ଡଳର ପୋଷାକ ମଧ୍ୟ ଭିନ୍ନଭିନ୍ନ । ମନ୍ଦିର,ମସଜିଦ, ଗୀର୍ଜା,ଗୁରୁଦ୍ୱାର,ବୌଦ୍ଧ,ଜୈନମାନଙ୍କ ପୂଜକ ମାନଙ୍କର ପୋଷାକ ମଧ୍ୟ ଭିନ୍ନ । ନିଜ ନିଜର ବ୍ୟବହାର, ଚଳନି , ସଂସ୍କୃତିକୁ ଇତ୍ୟାଦିକୁ ନେଇ ପୋଷାକର ସୃଷ୍ଟି ଭିନ୍ନ ହୋଇଥାଏ । ନିଜ ନିଜର ରୁଚି ଓ ଚଳନିରେ ସାରା ବିଶ୍ୱରେ ସମସ୍ତେ ସମସ୍ତଙ୍କପ୍ରତି ସମଭବାପର୍ଣ୍ଣ ହୋଇ ପୋଷାକକୁ ଚୟନ ଓ ସମ୍ମାନ ପ୍ରଦାନ କରିଥାଆନ୍ତି ।

ଆଧୁନିକ ଜଗତିକରଣ ଯୁଗରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ପୋଷାକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଅନୁମେୟ । ଏହା ବିଶ୍ୱରେ ବ୍ୟକ୍ତିଙ୍କୁ ସେମାନଙ୍କର ବ୍ୟକ୍ତିତ୍ୱ ପ୍ରକାଶ ,ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଅନ୍ୟମାନଙ୍କ ଉପରେ ଏକ ସକାରାତ୍ମକ ଛାପ ସୃଷ୍ଟି କରିଥାଏ ବୋଲି ବିଶ୍ୱାସ । ପୋଷାକର ପସନ୍ଦ ଦ୍ୱାରା ଅନ୍ୟମାନେ କିପରି ପ୍ରଭାବିତ ହେଉଛନ୍ତି ତାହା ମଧ୍ୟ ପ୍ରଣିଧାନର ବିଷୟ ହୋଇଯାଇଛି ।ଆଧୁନିକ ଯୁଗରେ ଏହାକୁ ଆତ୍ମ-ପ୍ରକାଶ ପାଇଁ ଏକ ଶକ୍ତିଶାଳୀ ଉପକରଣ ଭାବରେ ମଧ୍ୟ ବ୍ୟବହାର କରାଯାଉଛି । ବସ୍ତୁବାଦୀ ବ୍ୟବସ୍ଥାରେ ମୂର୍ଖ ବ୍ୟକ୍ତିଟିଏ ଧନୀହୋଇ ଭଲ ପୋଷାକ ପିନ୍ଧି ବାହାରେ ବୁଲିଲେ ତାକୁ ବାବୁ ବୋଲି ସମ୍ବୋଧନ କରିବେ ଆଉ ଗୁଣି ବ୍ୟକ୍ତିଟି କମଦାମୀ ପୋଷାକପିନ୍ଧି ବାହାରେ ବୁଲିଲେ ତାକୁ ଲୋକେ ଆଡ ଆଖିରେ ଚାହିଁବେ ନାହିଁ । ସେହି ଭାବନା ବହୁ ପୁରାତନର ଯେପରି ସଂସ୍କୃତରେ ନୀତି ବାଣୀରେ ଉଲ୍ଲେଖ ଅଛି ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶପାଇଁ ତିନୋଟି ଗୁଣର ଆବଶ୍ୟକତା । ତାହା ହେଉଛି 'ବିଦୟା-ବପୂଶା -ବାଚା ' ଅର୍ଥାତ ଜ୍ଞାନ-ଚେହେରା- ଭଲ କଥା । ଯଦିଓ ଚେହେରାର ବିକାଶ ପାଇଁ ଭଲ ପୋଷାକର ଆବଶ୍ୟକତା ରହିଥାଏ । ମାତ୍ର ବସ୍ତୁବାଦୀ ସମୟରେ ଅର୍ଥମାଧ୍ୟମରେ କେବଳ ଭଲ ପୋଷାକରେ ସଜ୍ଜିତ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶପାଇଁ ଆବଶ୍ୟକ ବୋଲି ବିବେଚନା କରାଯାଏ । ଯାହା ପ୍ରକୃତପକ୍ଷେ ଯୁକ୍ତିଯୁକ୍ତ ନୁହେଁ , କାରଣ ଜ୍ଞାନ-ଚେହେରା- ଉତ୍ତମ ଭାଷା ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରକାଶରେ ସହାୟକ ହୋଇଥାଏ । ପ୍ରକୃତରେ ପୋଷାକର ପସନ୍ଦ ସାଂସ୍କୃତିକ ଏବଂ ପରିବେଶଗତ କାରଣ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ, ଏହା ଆତ୍ମ-ପ୍ରକାଶନ ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇଥାଏ ଓ କିଛି ପରିମାଣରେ, ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିପାରେ । ଜଣେ ବ୍ୟକ୍ତିଙ୍କ ସ୍ୱାଦ ଅନ୍ୟ ବ୍ୟକ୍ତିଙ୍କ ସ୍ୱାଦ ଏବଂ ପସନ୍ଦଠାରୁ ଭିନ୍ନ ହୋଇପାରେ। ବିଭିନ୍ନ ଦେଶର ଭିନ୍ନ ଜଳବାୟୁ ପରିସ୍ଥିତି ଥାଏ, ଏବଂ ଲୋକମାନେ ସେହି ଅନୁସାରେ ପୋଷାକ ପିନ୍ଧନ୍ତି। ଯେତେବେଳେ ଗରମ ଜଳବାୟୁ ଦେଶଗୁଡ଼ିକରେ ଲୋକମାନେ କପା ଭଳି ପ୍ରାକୃତିକ ତନ୍ତୁରେ ତିଆରି ହାଲୁକା ପୋଷାକ ପିନ୍ଧନ୍ତି, ସେତେବେଳେ ଥଣ୍ଡା ଜଳବାୟୁରେ ଲୋକମାନେ ସିନ୍‌ଥେଟିକ୍ ସାମଗ୍ରୀ କିମ୍ବା ପଶମ ବା ଚମଡାରେ ତିଆରି ଭାରୀ ପୋଷାକ ପିନ୍ଧନ୍ତି।

ପୁନଶ୍ଚ ଲୋକମାନେ ସେମାନଙ୍କର ସାଂସ୍କୃତିକ ପରମ୍ପରା ଅନୁସାରେ ଭିନ୍ନ ଭାବରେ ପୋଷାକମଧ୍ୟ ପିନ୍ଧିଥାଆନ୍ତି। କିଛି ସଂସ୍କୃତିରେ, ମହିଳାମାନେ ସ୍କାର୍ଫ କିମ୍ବା ଓଢ଼ଣୀରେ ନିଜ ମୁଣ୍ଡକୁ ଘୋଡ଼ାଇଥିବା ବେଳେ , ଅନ୍ୟ ସଂସ୍କୃତିରେ, ପୁରୁଷମାନେ ପଗଡି ପିନ୍ଧନ୍ତି। ପାଶ୍ଚାତ୍ୟ ସଂସ୍କୃତିରେ, ବ୍ୟବସାୟୀମାନେ ସାଧାରଣତଃ ସୁଟ୍ ଏବଂ ଟାଇ ପିନ୍ଧନ୍ତି, ଓ ଅଧିକ ଆରାମଦାୟକ ସଂସ୍କୃତିରେ ଜିନ୍ସ ଏବଂ ଟି-ସାର୍ଟମଧ୍ୟ ବ୍ୟବହାର କରାଯାଏ । ମାତ୍ର ଭାରତ ଏପରି ଏକ ଦେଶ ଯାହା ଏହାର ଅନନ୍ୟ ବିବିଧତା ପାଇଁ ଜଣାଶୁଣା ତାର ସମସ୍ତ ୨୯ ଟି ରାଜ୍ୟର ନିଜସ୍ୱ ଭାଷା ଏବଂ ସାଂସ୍କୃତିକ ଢାଞ୍ଚା ଅଛି। ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଖାଦ୍ୟର ବିବିଧତା ଅଛି। ପ୍ରତ୍ୟେକ ରାଜ୍ୟର ଜିଲ୍ଲାଗୁଡ଼ିକରେ ମଧ୍ୟ ଭିନ୍ନ ଭିନ୍ନ ଉପଭାଷା ଏବଂ ଦେଶୀୟ ଖାଦ୍ୟ ଏବଂ ସେମାନଙ୍କର ନିଜସ୍ୱ ପୋଷାକ ଶୈଳୀ ଏବଂ ପରମ୍ପରା ଅଛି। ସମଗ୍ର ଦେଶରେ ଭିନ୍ନ ଭିନ୍ନ ଢାଞ୍ଚା ଥିବା ଏହା ଏକମାତ୍ର ଦେଶ। ଆମେ ଭିନ୍ନ ଭାବରେ ପୋଷାକ ପିନ୍ଧିବାର କାରଣ ଭାରତର ପ୍ରତ୍ୟେକ ଅଞ୍ଚଳର ଲୋକଙ୍କ ବିଭିନ୍ନ ଜାତି, ଭୂଗୋଳ, ଜଳବାୟୁ ଏବଂ ସାଂସ୍କୃତିକ ପରମ୍ପରା ଉପରେ ଆଧାରିତ। ଆମେ ଭିନ୍ନ ଭିନ୍ନ ଭାଷା କହୁ, ଭିନ୍ନ ଖାଦ୍ୟ ଖାଉ, ଅନନ୍ୟ ପୋଷାକ ପିନ୍ଧୁ କିନ୍ତୁ ଆମେ ସମସ୍ତେ ଭାରତୀୟର ପରିଚୟ ଦେଇ ଏକ ରାଷ୍ଟ୍ର ଭାବରେ ଏକାଠି ଠିଆ ହୋଇଛୁ ଓ ପରସ୍ପରକୁ ସମ୍ମାନ ଦେଉଛୁ ।

ପାରମ୍ପରିକ ଭାବରେ, ଚୀନ୍ ପୋଷାକ ବଡ଼ ଏବଂ ଢିଲା ଏବଂ ଲମ୍ବା ହାତ ଥାଏ କାରଣ ଚୀନ୍ ବହୁତ ଥଣ୍ଡା, ଏବଂ ଯୌନ ଚିନ୍ତାଧାରା ପ୍ରକାଶ ନ କରିବା ପାଇଁ ହାତ ଏବଂ ଗୋଡ଼ ଉପର ଅଂଶ ଘୋଡ଼ାଯାଇଥାଏ। ଚୀନ୍ ବିଶ୍ୱାସ କରେ ଯେ ଶରୀରର ପ୍ରତ୍ୟେକ ଅଂଶ ଆମ ପିତାମାତାଙ୍କ ଦ୍ୱାରା ଦିଆଯାଇଛି, ତେଣୁ କେଶ ଲମ୍ବା କରାଯାଏ। କେଶ କାଟିବା ଏକ ଦଣ୍ଡ ଭାବରେ ବିବେଚନା କରାଯାଏ। ଜାପାନରେ, ଜଳବାୟୁ ନାତିଶିତୋଷ୍ଣ ଏବଂ ସେମାନେ ଚୀନ୍ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥିବାରୁ, ସେମାନଙ୍କ ପୋଷାକରେ ଚୀନ୍ ପରି ରହିଛି। ୟୁରୋପୀୟ ପୋଷାକ ଗୁଡ଼ିକ ଭିନ୍ନ ତାହା ସାଧାରଣତଃ ସୌନ୍ଦର୍ଯ୍ୟର ଏକ ପ୍ରତୀକ ଭାବରେ ବିବେଚନା କରାଯାଏ। ଇଜିପ୍ଟିୟମାନେ ଗରମ ପରିବେଶରେ ରହୁଥିବାରୁ ସେମାନେ କମ୍ ପୋଷାକ ପିନ୍ଧୁଥିଲେ। ମୌଳିକ ଆବଶ୍ୟକତା ଅନେକ ପ୍ରକାରରେ ଭିନ୍ନ ହୋଇଥାଏ। ମୋଟା ମୋଟି କହିବାକୁଗଲେ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସଂସ୍କୃତି ,ଜଳବାୟୁ,ସ୍ୱାଦ ଏବଂ ପସନ୍ଦ ସେ ଦେଶର ପୋଷାକକୁ ଗଢିଥାଏ । ମାତ୍ର ବ୍ରିଟସର ମାନଙ୍କ ଔପନିବେଷକବାଦ ଯୋଗୁ ଅନେକ ରାଷ୍ଟ୍ର ସେମାନଙ୍କର ନିଜସ୍ୱ ପରମ୍ପରା ଓ ସଂସ୍କୃତିକୁ ଭୁଲିଯାଇଥିଲେ । ଔପନିବେଷକବାଦର ବିଲୋପପରେ ସେ ଦେଶଗୁଡିକ ଆସ୍ତେ ଆସ୍ତେ ନିଜର ସଂସ୍କୃତିକୁ ସଜାଡିବାକୁ ଚେଷ୍ଟିତ । ମାତ୍ର ଆଜିବି ବ୍ରିଟସରମାନଙ୍କ ଅହଂକାର ସାରା ବିଶ୍ୱରେ ବିଭିନ୍ନ ଆକାରରେ ଦୃଶ୍ୟମାନ ।

ନିକଟ ଅତୀତରେ ଆମେରିକାର ଓଭାଲରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡି-ମିର୍ ଜେଲେନ୍ସକିଙ୍କ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏହି ପୋଷାକ ପିନ୍ଧାକୁ ନେଇ ସାରା ବିଶ୍ୱରେ ହଟ ଚମଟ ସୃଷ୍ଟି ହୋଇଥିଲା । କଥାଟି ଏପରି ଥିଲା, ଜେଲେନ୍ସକିଙ୍କୁ ପଚାରାଯାଇଥିଲା ଯେ ସେ କିପରି ବିନା ଡ୍ରେସ କୋଡରେ ଜଣେ ସାଧାରଣ ସମ୍ବାଦଦାତାଙ୍କ ପରି ଜ୍ୟାକେଟ ପିନ୍ଧି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କୁ ଦେଖାକରିବାକୁ ଆସିଛନ୍ତି ।'ତୁମେ କାହିଁକି ସୁଟ୍ ପିନ୍ଧୁନାହଁ ? ତୁମର କି ପ୍ରକାରର ସୁଟ୍ ଅଛି ?' ଜେଲେନ୍ସକି ଅତି ଚତୁରତାର ସହିତ ତୁରନ୍ତ ମାପଚୁପର ଉତ୍ତର ଦେଇଥିଲେ । ସେ କହିଥିଲେ, 'ଏହି ଯୁଦ୍ଧ ସମାପ୍ତ ହେବା ପରେ ମୁଁ ଠିକ ପୋଷାକ ପିନ୍ଧିବି, ହୁଏତ ତୁମ ପରି କିମ୍ବା ମହଙ୍ଗା ବା ଶସ୍ତା:' । ପ୍ରଶ୍ନ ଏବଂ ଉତ୍ତର ଉଭୟ ଆଲୋଚନାର ଯୋଗ୍ୟ। ଜେଲେନ୍ସକିଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଥିଲା ଯେ ଆମେରିକାର ଯୁଦ୍ଧରେ ଏତେ ସହଯୋଗ ସତ୍ତ୍ୱେ ଜେଲେନ୍ସକି କାହିଁକି ରାଷ୍ଟ୍ରପତି ଓ ଆମେରିକା ପ୍ରତି ଯଥେଷ୍ଟ କୃତଜ୍ଞ ନୁହନ୍ତି ? ସେ ଆମେରିକା ଏବଂ ଏହାର ଲୋକଙ୍କ ସହିତ ଏପରି କୃତଘ୍ନ ହୋଇପାରିବେ ନାହିଁ। ଜେଲେନ୍ସକିଙ୍କ ଉତ୍ତର ମଧ୍ୟ ଖୁବ ଉଚ୍ଚକୋଟିର ଥିଲା । ଅପମାନିତ ହେବା ପରିବର୍ତ୍ତ ?, ସେ ତାଙ୍କ ଲୋକଙ୍କ ସମସ୍ୟା ଏବଂ ଯୁଦ୍ଧ ସହିତ ତାଙ୍କ ଉତ୍ତରକୁ ମିଶାଇ କହିଥିଲେ । ତାଙ୍କ ଦେଶର ଯୁଦ୍ଧକାଳୀନ ଅବସ୍ଥାର ପରିବର୍ତ୍ତନ ପରେ ଭଲ ପୋଷାକ ପିନ୍ଧି ଆମେରିକାକୁ କୃତଜ୍ଞତା ଜଣାଇବେ ।

ତେବେ ମୁଖ୍ୟ ପ୍ରଶ୍ନ। ଆମେ ପିନ୍ଧୁଥିବା ପୋଷାକ କଣ ଅନ୍ୟର ରୁଚି ହିସାବରେ କେଉଁ କାର୍ଯ୍ୟକ୍ରମ ପାଇଁ କେଉଁ ପୋଷାକ ପିନ୍ଧିବା ଚିନ୍ତାକରିବା ଉଚିତ ? ଆମେ କେଉଁ ଭୂମିକା ପାଇଁ କିପରି ପୋଷାକ ପିନ୍ଧିବା ଉଚିତ ନା ଭୂମିକା ଆମକୁ ପୋଷାକ ପିନ୍ଧାଇବା ଉଚିତ ? ଆନୁଷ୍ଠାନିକ କ'ଣ? ଏବଂ କ'ଣ ଅନୌପଚାରିକ ?

ମୋ ମତରେ ନିଜର ଆବଶ୍ୟକତା,ରୁଚି,ସଂସ୍ମୃତି ଅପେକ୍ଷା ଅନ୍ୟକୁ ଦେଖାଇ ହେବାକୁ ବହୁତ ଗୁରୁତ୍ୱାରୋପ ଦେବା ଆଦୌ ସମିଚିନ ନୁହେଁ । ମୁଁ ଯେପରି ପୋଷାକ ପିନ୍ଧିବାକୁ ଚାହୁଁଛି ସେପରି ପୋଷାକ ପିନ୍ଧିବି। ପୋଷାକ ଜଣେ ପୁରୁଷ, ମହିଳା କିମ୍ବା ସେମାନଙ୍କୁ ତିଆରି କରେ ନାହିଁ । ସେମାନଙ୍କର କାମ,ଜ୍ଞାନ,ବ୍ୟକ୍ତିତ୍ୱ,ସଂସ୍କୃତି, ପୋଷାକ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଜଣେବ୍ୟକ୍ତ କି ପ୍ରକାରର କାର୍ଯ୍ୟ କରେ ? ତାହା କେତେ ଗୁରୁତ୍ୱପୂର୍ଣ୍ଣ ? ଏ ସବୁକୁ ସର୍ବାଦୌ ଗ୍ରହଣଯୋଗ୍ୟ ହେବା ଉଚିତ । ମନ ଓ କର୍ମ ଶରୀର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟର କାର୍ଯ୍ୟ ଦେଖିବା ବଦଳରେ କେବଳ ତାର ପୋଷାକ କିମ୍ବା ଶରୀରକୁ ଦେଖିବା କୌଣସି ଜ୍ଞାନୀ ଗୁଣିଙ୍କର କାର୍ଯ୍ୟ ହୋଇନପାରେ । ଜଣେ କାହିଁକି ନିଜର ସଂସ୍କୃତିକୁ ତ୍ୟାଗକରି ଅନ୍ୟ ଦେଶର ପୋଷାକ ପରିଧାନ କରିବ ? ତାର ସଂସ୍କୃତି ଅନୁଯାଇ ସେ ତାର ପୋଷାକ ଚୟନ କରିବ । ସୁଟ୍ ଏବଂ ନେକଟାଇ,ଏଗୁଡ଼ିକ ବ୍ରିଟିଶମାନଙ୍କ ଦ୍ୱାରା ଭାରତୀୟମାନଙ୍କ ଉପରେ ଲଦି ଦିଆଯାଇଥିବା ୟୁନିଫର୍ମ ପୋଷାକର ଅଂଶ, ଯେଉଁମାନେ ଆଉ ଏଠାରେ ନାହାନ୍ତି କିନ୍ତୁ ସେମାନଙ୍କର ଛାପ ଏଠାରେ ଛାଡି ଯାଇଛନ୍ତି। ଆମ ପରବର୍ତ୍ତି ପିଢି ସେଥିରେ ବାୟା । ମାତ୍ର ମୁଁ ଏଠାରେ ସ୍ମରଣ କାରାଇଦେବାକୁ ଚାହେଁ ଯେ ନିଜର ଆବଶ୍ୟକତା,ରୁଚି, ସଂସ୍କୃତି,ଜଳବାୟୁ ଓ ଜାତୀୟତାର ପ୍ରତୀକ ଥିବା ପୋଷାକ ହିଁ ଆମର ପରିଚୟ ହେବା ସର୍ବାଦୌ ବିଧେୟ ।

ସଂକ୍ଷେପରେ, ମୁଁ ଆଉ ଗୋଟିଏ ପାଦ ପଛକୁ ଫେରି ବିଶ୍ୱରେ ପ୍ରଭାବ ପକାଇଥିବା ଦୁଇଟି ଭିନ୍ନ କ୍ଷେତ୍ରରୁ କେବଳ ଭାରତର ଦୁଇଜଣ ସଫଳ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଲୋଚନା କରିବି, ଏବଂ ଏହାଦ୍ୱାରା ଜଣାଇବାକୁ ଚାହୁଁଛି ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ କିପରି ନିଜର ଏକ ଅନନ୍ୟ ବିବୃତ୍ତି ଦେଇଥିଲେ। ରାଜା ପଞ୍ଚମ ଜର୍ଜ ଏବଂ ରାଣୀ ମେରୀଙ୍କ ଦ୍ୱାରା ଆୟୋଜିତ ଏକ ଚା ପାର୍ଟିରେ ମହାତ୍ମା ଗାନ୍ଧୀ,ଖଦି କପଡ଼ା, ଶାଲ୍ ଏବଂ ଚପଲ ପିନ୍ଧି ପହଞ୍ଚିଥିଲେ। ଏହା ୧୯୩୧ ମସିହାରେ ଲଣ୍ଡନରେ ଦ୍ୱିତୀୟ ଗୋଲଟେବୁଲ ସମ୍ମିଳନୀ ସମୟରେ ହୋଇଥିଲା। ଯେତେବେଳେ ଗାନ୍ଧୀଜୀ ଏଭଳି ଭାବରେ ନିଜକୁ ଉପସ୍ଥାପନ କରିଥିଲେ । ସେସମୟରେ ସେ ସାରା ବିଶ୍ୱରେ ଏକ ରାଜନୈତିକ ବିନ୍ଦୁ ସୃଷ୍ଟି କରିଥିଲେ। ସେ ଜଣେ ଭାରତୀୟ ଭାବରେ ନିଜ ଦେଶର ପୋଷାକ ପିନ୍ଧୁଥିଲେ। ଭାରତର ଗରିବ ଏବଂ ନିଷ୍ପ ?ସିତଙ୍କ ସହିତ ଏକତା ପ୍ରଦର୍ଶନ କରୁଥିଲେ। ଏହା ନିଶ୍ଚିତ ଭାବରେ ପୋଷାକ ଦ୍ୱାରା ଭିନ୍ନମତ ଥିଲା। ଥରେ, ଜଣେ ଧାର୍ମିକ ସାମ୍ବାଦିକ ତାଙ୍କୁ ପଚାରିଲେ, 'ଆପଣ କ'ଣ ଯଥେଷ୍ଟ ପୋଷାକ ପିନ୍ଧୁଛନ୍ତି ?' ମହାତ୍ମାଙ୍କ ପ୍ରତିଜ୍ଞା ମଧ୍ୟ ସେତିକି ମଜାଦାର ଥିଲା 'ରାଜା ଆମ ଉଭୟଙ୍କ ପାଇଁ ଯଥେଷ୍ଟ ପୋଷାକ ପିନ୍ଧିଛନ୍ତି !' ଏବେ, ତାହା ଅତ୍ୟନ୍ତ ସୁନ୍ଦର । ଅହଂକାରୀ ୱିନ୍ସଟନ୍ ଚର୍ଚ୍ଚିଲ୍ ତାଙ୍କୁ 'ଅଧା-ନେକେଡ୍ ଫକିର' ବୋଲି ଡାକିଥିଲା । ଯାହା ସବୁ ଭାରତୀୟ ମନରେ ଆଜିପର୍ଯ୍ୟନ୍ତ ଦାଗ ଭଳି ରହିଅଛି । ତଥାପି ସେ ନିଜର ପୋଷାକକୁ ନେଇ ଗର୍ବିତ ଥିଲେ ଓ ଭାରତ ସ୍ୱାଧିନତାର ଜଣେ କର୍ଣ୍ଣଧାର ସାଜିଥିଲେ ଓ ଭାରତକୁ ବହୁ ପ୍ରତିକ୍ଷିତ ସ୍ୱାଧିନତାର ସ୍ୱାଦ ଦେଇଥିଲେ ।

୧୯୩୧ ଠାରୁ ଟିକେ ଆଗକୁ ଯାଇ ଏକ ଗଭୀର ଇତିହାସକୁ ମଧ୍ୟ ଅବଲୋକନ କରିପାରିବା, ସ୍ୱାମୀ ବିବେକାନନ୍ଦ ୧୮୩୩ ମସିହାରେ ଚିକାଗୋରେ ବିଶ୍ୱ ଧର୍ମ ସଂସଦରେ ଥିଲେ। ଜଣେ ଆମେରିକୀୟ ମହିଳା ତାଙ୍କୁ ପଚାରିଲେ, ପ୍ରକୃତରେ 'ତୁମେ କ'ଣ ଜଣେ ଭଦ୍ରଲୋକଙ୍କ ପରି ଦେଖାଯିବା ପାଇଁ ଉପଯୁକ୍ତ ପୋଷାକ ପିନ୍ଧିପାରିବ ନାହିଁ ?' ସ୍ୱାମୀ ବିବେକାନନ୍ଦ ଅତି ନମ୍ରତାର ସହିତ ଉତ୍ତର ଦେଇଥିଲେ, 'ତୁମର ସଂସ୍କୃତିରେ, ଜଣେ ଦର୍ଜୀ ଜଣେ ଭଦ୍ରଲୋକଙ୍କୁ ସୃଷ୍ଟି କରେ। ଆମ ସଂସ୍କୃତିରେ ଉତ୍ତମ ଚରିତ୍ର ଜଣେ ଭଦ୍ରଲୋକଙ୍କୁ ସୃଷ୍ଟି କରେ।'

ପରିବର୍ତ୍ତିତ ସାମଜିକ ,ରାଜନୈତିକ ଓ ଆର୍ଥିକ ପରିବଶରେ ଭାରତରେ ଜଗତୀକରଣର ପ୍ରଭାବରେ ପୋଷାକ ,ଖାଦ୍ୟପେୟ ଓ ଚାଲି ଚଳନରେ ରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି । ଯୁବପିଢି ପାଶ୍ଚାତ୍ୟ ରୁଚିରେ ସଜେଇ ହେବାକୁ ଭଲପାଇ ଭାରତୀୟ ସଂସ୍କୃତିକୁ ଭୁଲିଯିବାକୁ ଲାଗିଲେଣି । ତା ସାଙ୍ଗକୁ ସିନେମା,ଖେଳ,ରାଜନୈତିକ ବ୍ୟକ୍ତିଙ୍କ ଅନୁକରଣରେ ଜାତୀୟ ସଂସ୍କୃତି ସଂଗ୍ରାହାଳୟର ବସ୍ତୁ ଭାବରେ ପରିଗଣିତ ହେବାକୁ ବସିଲାଣି । କିନ୍ତୁ ଏ କଥା ମନେ ରଖିବାକୁ ପଡିବ ନିଜର ସଂସ୍କୃତି ହିଁ ନିଜର ପରିଚୟ । ଯେଉଁ ଦେଶ ନିଜ ସଂସ୍କୃତିକୁ ବଜାୟ ରଖିବାରେ ସମର୍ଥ ସେ ଦେଶ ସେତେ ସମୃଦ୍ଧ । ଜାପାନ୍,ଜର୍ମାନ୍,ରୁଷ୍,ଚୀନ୍,କୋରିଆ,ୟୁରୋପ ଇତ୍ୟାଦି ରାଷ୍ଟ୍ର ନିଜର ସଂସ୍କୃତିପାଇଁ ସମୃଦ୍ଧ । ମାତ୍ର ସ୍ୱାଧିନତା ପରେବି ଔପନିବେଶକବାଦର କଳଙ୍କରୁ ଆମେ ମୁକ୍ତ ହୋଇ ନାହାନ୍ତି । ଯେଉଁ ଦିନ ପ୍ରତ୍ୟକ ଭାରତୀୟ ନିଜ ସଂସ୍କୃତିକୁ ଚିହ୍ନି ନିଜର ପରିଚୟ ସୃଷ୍ଟିକରିବାକୁ ସକ୍ଷମ ହେବେ ସେ ଦିନ ପ୍ରକୃତ ସ୍ୱାଧିନତା ମିଳିବା ସହିତ ଭାରତ ଏକ ବିକସିତ ରାଷ୍ଟ୍ରରେ ପରିଗଣିତ ହୋଇପାରିବ । ଖାଲି ନେକ-ଟାଇ ଓ କୋଟ ପିନ୍ଧିଦେଲେ ନୁହେଁ ବା ଅନ୍ୟକୁ ଖୁସି କରିବା ବା ଦେଖେଇ ହେବାଭଳି ନୂଆ ନୂଆ ପୋଷାକ ପିନ୍ଧି ସଜେଇ ହେଲେ ନୁହେଁ । ନିଜର ଚରିତ୍ର,କର୍ମ, ସଚ୍ଚୋଟତା, ଦେଶପ୍ରେମଭାବ,ଲୋକାଭିମୁଖିଯୋଜନା ହିଁ ଭାରତକୁ ଏକ ନୂଆ ରୁପ ଦେଇପାରିବ ।

*ସଂସାଧନ ବ୍ୟକ୍ତି , ଭାରତୀୟ ମାନକ ବ୍ୟୁରୋ,ଭୁବନେଶ୍ୱର, ଭାରତ ସରକାର*

# ସାନ ସିନା, ଦାନ ତା ମହାନ୍



ସୁବାଷ କୁମାର ତାରଣିଆଁ

ଆମେ ଇତିହାସରେ ପଢିଥିଲେ ଯେ ଯେଉଁଠି ୧୨୦୦ ବଢେଇ କୋଣାର୍କ ମନ୍ଦିରର ମୁଣ୍ଡି ମାରିପାରି ନଥିଲେ, ସେଠି ୧୨ ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡ ମାରି ୧୨୦୦ ବଢେଇଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ପ୍ରାଣ ହରାଇଥିଲେ। ଧର୍ମପଦଙ୍କ ମହାନତା ପାଇଁ ଆଜି ବି ଓଡ଼ିଆଜାତି ଗର୍ବିତ। ଆଜି ସିନା ଧର୍ମପଦ ଆମ ଗହଣରେ ନାହାଁନ୍ତି, ହେଲେ ସମାଜକୁ ସେ ଯେଉଁ ବାର୍ତ୍ତା ଦାନ କରି ଯାଇଛନ୍ତି ସେ ବାର୍ତ୍ତାକୁ ଏବେ କି କିଛି ଲୋକ କାର୍ଯ୍ୟକାରୀ କରୁଛନ୍ତି। ନିଜ କଷ୍ଟାର୍ଜିତ ଅର୍ଥରେ କିଣିଥିବା ମୂଲ୍ୟବାନ ସୁନାଚେନଟିକୁ ହରାଇ ଭୀତସନ୍ତ୍ର ଅବସ୍ଥାରେ ଥିବା ମାଲିକଙ୍କୁ ସୁନାଚେନଟିକୁ ଫେରାଇ ନିଜର ମହାନତାର ପରିଚୟ ଦେଇଛନ୍ତି ଜଣେ ସ୍ୱଚ୍ଛ ସାଥୀ।

ଗତ ଫେବୃୟାରୀ ମାସ ୨୧ ତାରିଖ ସୋମବାର ଦିନର ଘଟଣା। ଭୁବନେଶ୍ୱର ମାଇକ୍ରୋ କମ୍ପୋଷ୍ଟିଂ ସ୍ପେଟରରେ ସ୍ୱଚ୍ଛ ସାଥୀ ପୂଜା ସିଂ ଅଳିଆ ସଫା କରୁଥିବା ସମୟରେ ଏକ ସୁନା ଚେନ ପାଇଥିଲେ। ପ୍ରାୟ ୬ ଭରି ଓଜନର ସୁନା ଚେନ୍ ପାଇବା ପରେ କୌଣସି ଲୋକ ହୁଏତ ଲୋଭରେ ଏହାକୁ ଲୁଚାଇ ନେଇପାରିଥାନ୍ତା। କିନ୍ତୁ ସଚ୍ଚୋଟ ପୂଜା ସିଂଙ୍କୁ ଲୋଭ ଗ୍ରାସ କରିପାରି ନଥିଲା। ସେ ସୁନା ଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ପ୍ରଶଂସାର ପାତ୍ରୀ ପାଲଟିଛନ୍ତି। ତାଙ୍କର ଏଭଳି ମହାନତା ପାଇଁ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ପୂଜାଙ୍କୁ ସାଧୁବାଦ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ବିଭୂତି ଭୂଷଣ ସେଠୀ, ଗତ ଫେବୃୟାରୀ ୧୮ ତାରିଖ ଦିନ ତାଙ୍କ ମା'ଙ୍କର ଶ୍ରାଦ୍ଧ ଦିବସ ଥିଲା। ତେଣୁ ମା'ଙ୍କ ଫଟୋଚିତ୍ରରେ ଫୁଲମାଳ ପକାଇବା ସହିତ ଶ୍ରାଦ୍ଧ ଦେବା ସମୟରେ ବିଭୂତି ଭୂଷଣ ବେକରୁ ସୁନାଚେନ୍‌ଟି କାଢି ତଳେ ଥୋଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବେକରୁ କାଢିଥିବା ସୁନାଚେନ୍‌ଟି କଥା ସେ ଭୁଲି ଯାଇଥିଲେ। ପରଦିନ ଫୁଲମାଳ ସହ ଶ୍ରାଦ୍ଧରେ ବ୍ୟବହୃତ ହୋଇଥିବା ସମସ୍ତ ସାମଗ୍ରୀ ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ତା' ପରଦିନ ଅର୍ଥାତ୍ ୨୦ ତାରିଖ ସକାଳେ ବିଭୂତି ନିଜ ଘର ଡଷ୍ଟବିନ୍‌ରେ ରଖିଥିବା ସମସ୍ତ ଅଳିଆ ଆବର୍ଜନାକୁ ବିଏମ୍‌ସି ସଫେଇ ଗାଡ଼ି କର୍ମଚାରୀଙ୍କୁ ଦେଇ ଦେଇଥିଲେ। ସେହିଦିନ ମଧ୍ୟାହ୍ନରେ ବିଭୂତିଙ୍କ ସୁନାଚେନ୍ କଥା ମନେ ପଡ଼ିବାରୁ ଘରେ ଖୋଜାଖୋଜି କରିଥିଲେ। ବିଭୂତିଙ୍କର ଠିକ୍ ମନେ ଥିଲା ଯେ, ମା'ଙ୍କ ଶ୍ରାଦ୍ଧ ଦିବସରେ ସୁନାଚେନ୍‌ଟି କାଢି ଫଟୋ ପାଖରେ ରଖିଥିଲେ। ସେଠାରୁ ଅଳିଆ ସାମଗ୍ରୀ ଯେଉଁ ଡଷ୍ଟବିନରେ ପକାଯାଇଛି, ସେହି ଡଷ୍ଟବିନରେ ନିଶ୍ଚିତ ଭାବେ ସୁନା ଚେନ୍‌ଟି ଚାଲିଯାଇଛି। ଏ ନେଇ ବିଭୂତି ବିଏମ୍‌ସି କମିଶନରଙ୍କ ସହିତ ଯୋଗାଯୋଗ କରିବାରୁ ପୂଜା ସିଂ ନାମକ ସ୍ୱଚ୍ଛ ସାଥୀ ସୁନାଚେନ ପାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଭୂତି ନିଜର ପରିଚୟ ସହିତ ପ୍ରମାଣପତ୍ର ଦେଖାଇ ବିଏମ୍‌ସି କାର୍ଯ୍ୟାଳୟରୁ ସୁନାଚେନକୁ ଗ୍ରହଣ କରିଥିଲେ ଏବଂ ବିଭୂତିଙ୍କ ସହିତ ସାରା ପରିବାର ପୂଜା ସିଂଙ୍କ ମହାନତା ପାଇଁ ସାଧୁବାଦ ଜଣାଇଥିଲେ।

ସେହିପରି ଆଉ ଏକ ଘଟଣା ହେଲା, ତୁଳା ବେହେରା ନାମକ ଜଣେ ୭୦ ବର୍ଷର ବୃଦ୍ଧା ଯିଏକି ଫୁଲବାଣୀ ଜଗନ୍ନାଥ ମନ୍ଦିର ପରିସରରେ ଭିକ୍ଷାବୃତ୍ତି କରି ଜୀବନ ବିତାଇ ଆସୁଥିଲେ। ଯେଉଁ ମନ୍ଦିର ଦୁଆରେ ବସି ଭିକ୍ଷାବୃତ୍ତି କରୁଥିଲେ, ସେହି ମନ୍ଦିରର ବିକାଶ ନିମନ୍ତେ ଜୀବନ ସାରା ସଞ୍ଚିତ କରିଥିବା ଅର୍ଥ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ କରିଛନ୍ତି ଏହି ସ୍ୱାମୀ ପରିତ୍ୟକ୍ତା ବୃଦ୍ଧା। ନିଜ ଘରର ପରିଚୟ ଜାଣିନଥିବା ତୁଳା ବେହେରା ଫୁଲବାଣୀ ଜିଲ୍ଲା ଦୁବଗଡ଼ର ପ୍ରଫୁଲ୍ଲ ବେହେରା ନାମକ ଜଣେ ଭିନ୍ନକ୍ଷମକୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀ ଉଭୟେ ସାହିକୁ ସାହି ବୁଲି ଭିକ୍ଷାବୃତ୍ତି କରୁଥିଲେ। ପିଲାଛୁଆ ନଥିବା ତୁଳାଙ୍କ ସ୍ୱାମୀ ୨୦ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କୁ ହରାଇବା ପରେ ତୁଳା ଏକୁଟିଆ ବଞ୍ଚିବାକୁ ସଂଗ୍ରାମ ଆରମ୍ଭ କରିଥିଲେ। ଏହାପରେ ସେ ସାହିକୁ ସାହି ଭିକ୍ଷାବୃତ୍ତି କରିବାକୁ ନ ଯାଇ ଫୁଲବାଣୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିଲେ ଓ ମନ୍ଦିର ପାଖରେ ଏକ କୁଡ଼ିଆ କରି ରହୁଥିଲେ। ଭିକ୍ଷାବୃତ୍ତିରୁ ଯାହା ମିଳୁଥିଲା ତାକୁ ସେ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଆଉ ଏକ ପୁରାତନ ମନ୍ଦିରର ବିକାଶ ପାଇଁ ଦାନ କରିବେ ବୋଲି ପରିଣତ ବୟସରେ ତୁଳା ବହୁବାର ମନ୍ଦିରର ପୂଜକଙ୍କୁ କହିଥିଲେ। ଦୀର୍ଘ ୧୦ ବର୍ଷ ଧରି ସେ ଭିକ୍ଷାବୃତ୍ତିରୁ ଯାହା ପାଉଥିଲେ, ତାକୁ ସେ ମନ୍ଦିରର ପୂଜକଙ୍କୁ ଦେଉଥିଲେ। ପୂଜକ ମଧ୍ୟ ଡ଼ାକଘରେ ତୁଳାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲିଥିଲେ। ଇତିମଧ୍ୟରେ ତୁଳାଙ୍କ ସଞ୍ଚୟ ଖାତାରେ ୧ ଲକ୍ଷ ୧୦ ହଜାର ଟଙ୍କା ଜମା ରହିଥିଲା। ତୁଳା ସମସ୍ତ ଜମା ଟଙ୍କା ମନ୍ଦିରର ବିକାଶ ପାଇ ଦାନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୀବନର ଶେଷ ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରି ଯାହା ପାଇବେ, ତାକୁ ସେ ମନ୍ଦିରକୁ ଦାନ କରିବେ ବୋଲି ତୁଳା କହିଛନ୍ତି। ଯେଉଁଠି ବଡ଼ ବଡ଼ ଅଫିସର, ଡ଼ାକ୍ତର, ଯନ୍ତ୍ରୀ, ପିଅନ, ରପରାଶି ମନ୍ଦିରକୁ ଦାନ କରିବା ବଦଳରେ ଲାଞ୍ଚ ନେଇ କୋଟି କୋଟି ଟଙ୍କା ଠୁଳ କରୁଛନ୍ତି, ସେଠି ତୁଳା ବେହେରା ପରିଣତ ବୟସରେ ଭିକ୍ଷାବୃତ୍ତି କରି ମନ୍ଦିରକୁ ଦାନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ଗତ କିଛିଦିନ ତଳେ କଟକର ୬୩ ବର୍ଷ ବୟସ୍କା ମହିଳା ମିନତୀ ପଟ୍ଟନାୟକ ନିଜର ୧ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଜଣେ ବୁଢ଼ା ସାମଲ ନାମକ ଜଣେ ରିକ୍ସାବାଲାଙ୍କୁ ଦାନ କରିବା ଘଟଣା ସେତେବେଳେ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। ମିନତୀ ପଟ୍ଟନାୟକ ଦୀର୍ଘ ବର୍ଷ ଧରି କଟକରେ ନିଜର ପରିବାର ସହିତ ରହି ଆସୁଥିଲେ। ହେଲେ ବିଧିର ବିଧାନ ଥିଲା ବଡ଼ ବିଚିତ୍ର। ହଠାତ୍ ମିନତୀଙ୍କ ସ୍ୱାମୀ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ପରେ ପରେ ମିନତୀଙ୍କ ଝିଅ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ଏଥିରେ ବିଚଳିତ ନହୋଇ ମିନତୀ ଧୈର୍ଯ୍ୟର ସହିତ ଜୀବନ ଜୀଇଁ ଚାଲିଥିଲେ ଏବଂ ବୁଢ଼ା ସାମଲ ମିନତୀଙ୍କୁ ସମସ୍ତ ସେବା ଶୁଶ୍ରୁଷା ଯୋଗାଇ ଆସୁଥିଲେ। ଦୀର୍ଘବର୍ଷ ଧରି ସେବା ଶୁଶ୍ରୁଷା ଯୋଗାଇବା ପରେ ମିନତୀ ନିଜର ୧କୋଟି ଟଙ୍କାର ଘର, ସୁନା ଗହଣା ଓ ସମସ୍ତ ଆସବାବ ପତ୍ର ବୁଢ଼ା ସାମଲଙ୍କ ପରିବାରକୁ ଦାନ କରିଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ମିନତୀଙ୍କ ଏହି ମହାନତା ବିଷୟରେ ଖବର ପ୍ରକାଶ ପରେ ସାରା ଓଡ଼ିଶାରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା।

୨୦୨୨ ମସିହା ଜୁଲାଇ ମାସ ୧୨ ତାରିଖ ସନ୍ଧ୍ୟାରେ ଜଣେ ଅଟୋଚାଳକ ଦୁଇଜଣ ଦମ୍ପତିକୁ ରେଳ ଷ୍ଟେସନରେ ଛାଡ଼ିଲା ପରେ ଭୁଲବଶତଃ ସେମାନଙ୍କ ଆଟାଚଟି ଅଟୋରେ ଛାଡ଼ିଦେଇ ଯାଇଥିଲେ। ଏହାପରେ ଅଟୋଚାଳକ ଜଣକ ଭଡ଼ା ବାବଦ ପ୍ରାପ୍ୟ ପାଇଲା ପରେ ମାଷ୍ଟର କ୍ୟାଣ୍ଟିନ ଫେରି ଚା ପିଉଥିବା ସମୟରେ ତାଙ୍କର ନଜର ପଡ଼ିଥିଲା ଅଟୋରେ ଥିବା ଆଟାଚ ଉପରେ। ଅଟୋଚାଳକ ଜଣକ ଜାଣିପାରିଥିଲେ ଯେ, ସେହି ଦମ୍ପତ୍ତି ଭୁଲ୍‌ରେ ଆଟାଚଟି ଛାଡ଼ିଦେଇଛନ୍ତି। ସଙ୍ଗେ ସଙ୍ଗେ ଅଟୋଚାଳକ ଜଣକ ରେଲୱେ ଷ୍ଟେସନରେ ପହଞ୍ଚି ଦମ୍ପତ୍ତି ଦୁଇଜଣଙ୍କୁ ଭେଟି ତାଙ୍କ ଆଟାଚଟି ଫେରାଇଥିଲେ। ଆଟାଚରେ ନଗଦ ୫ ଲକ୍ଷ ଟଙ୍କା ଥିଲା ଏବଂ ଆଟାଚ ଫେରିପାଇବା ପରେ ଦମ୍ପତ୍ତି ଦ୍ୱୟ ଅଟୋଚାଳକଙ୍କୁ ସାଧୁବାଦ ଜଣାଇଥିଲେ। ଅଟୋଚାଳକଙ୍କ ବଦାନ୍ୟତା ଯୋଗୁ ଦମ୍ପତ୍ତିଦ୍ୱୟ ତାଙ୍କ ଟଙ୍କା ଫେରି ପାଇଥିଲେ। ସାମ୍ପ୍ରତିକ ସମୟରେ ରାସ୍ତାଘାଟ, ଦୋକାନବଜାର, ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ଲୋକଙ୍କ ଠାରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଉଛନ୍ତି। ଜମି ଓ ଘରଡ଼ିହ ପାଇଁ ଭାଇ ଭାଇ ଭିତରେ ବିବାଦ ଉଗ୍ରରୂପ ନେଉଛି, ଟଙ୍କା ପାଇଁ ପରିବାର ଭିତରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ବେଳେ, ସ୍ୱଚ୍ଛ ସାଥୀ ପୂଜା ସିଂ, ତୁଳା ବେହେରା, ମୀନତୀ ପଟ୍ଟନାୟକ ଏବଂ ଅଟୋଚାଳକଙ୍କ ବଦାନ୍ୟତା, ମାନବିକତା ଓ ମହାନତା ସତରେ ସ୍ୱାଗତଯୋଗ୍ୟ। ଏହି ତିନିଜଣ ମହିୟସୀ ମହିଳାଙ୍କ ତ୍ୟାଗ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁସରଣ କରିବା ଉଚିତ୍।

*କ୍ଷି, ବାହାରଣା, ବାଲିକୁଦା, ଜଗତସିଂହପୁର*
*ମୋ : ୮୩୨୮୮୪୦୨୧୪*




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ୍ୟ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

—ଚିତ୍ତରଞ୍ଜନ ମହାପାତ୍ର
ଶିମୂଳୀପାଟଣା, ଚନ୍ଦକା, ମୋ-୯୪୩୯୫୬୧୮୫୪

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ନରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ନରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତ୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଶରତ କର ଓ ଅନିମା କର ଫାଉଣ୍ଡେସନ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,(ପି.ଏନ): ଉତ୍କଳ ଦିବସ ଅବସରରେ ଶରତ କର ଓ ଅନିମା କର ଫାଉଣ୍ଡେସନ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ରେଡ୍ କ୍ରସ ଭବନ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଫାଉଣ୍ଡେସନ ର ସହ - ଅଧ୍ୟକ୍ଷ ଅଧ୍ୟାପକ ସୁମନ କର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହକୁ ଅତିଥି ମାନଙ୍କ ସହ ମୁଖ୍ୟବକ୍ତା ଓ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ ଘାଟନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ସଙ୍ଗୀତ କାନ୍ତକବିଙ୍କ ବିରଚିତ 'ବନ୍ଦେ ଉତ୍କଳ ଜନନୀ' ଗାୟନ କରାଯାଇଥିଲା । ସଂଯୋଜକ ତଥା ନିର୍ଭୀକ ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସଙ୍କ ସ୍ୱାଗତ ଭାଷଣ ମାଧ୍ୟମରେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉଦ୍ ଘାଟନୀ ଅଭିଭାଷଣରେ ଶ୍ରୀ ଶୋଭନ କରଙ୍କ କହିଲେ ତାଙ୍କ ପିତା ମାତାଙ୍କ ନାମରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ବିଗତ ୪ ବର୍ଷ ହେଲା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଶିକ୍ଷା, ସାହିତ୍ୟ, ସଂସ୍କୃତି ଏବଂ କୃଷି ତଥା ଜୀବନ ଜୀବିକା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ଆସୁଛି । ରାଜ୍ୟରେ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଗାମୀ ଦିନରେ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ଉଲ୍ଲେଖ କରିଥିଲେ ।

ମୁଖ୍ୟ ଅତିଥି ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ ଭଗବତ ଗୀତା ଏବଂ ମହାଭାରତ ଆଦିରୁ ବିଭିନ୍ନ ବୃତ୍ତାନ୍ତ ଉଲ୍ଲେଖ କରି ମାନବ ଜୀବନର ସାରବତ୍ତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ ।

ମୁଖ୍ୟ ବକ୍ତାଙ୍କ ଭାବରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ ଇଣ୍ଡିଆ ର ଜାତୀୟ ଶିଶୁ ସାହିତ୍ୟ ବିଭାଗ ପ୍ରାକ୍ତନ ସମ୍ପାଦକ ମାନସ ରଞ୍ଜନ ମହାପାତ୍ରଙ୍କ ସମାଜ ଜୀବନ ର ଉତ୍ତରଣ ପାଇଁ ଫାଉଣ୍ଡେସନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ନ୍ୟୁଜ୍ ୭ ଟିଭି ଚ୍ୟାନେଲ ର କାର୍ଯ୍ୟକ୍ରମ ମୁଖ୍ୟ ଙ୍କବିଜୟ କୁମାର ମହାନ୍ତି ସମ୍ମାନିତ ଅତିଥିଙ୍କ ଭାବେ ଯୋଗଦେଇ ଶରତ କର ଓ ତାଙ୍କ ସହଧର୍ମିଣୀ ଅନିମା କରଙ୍କ ସ୍ମୃତି ଚାରଣ କରି ନିର୍ଭୀକ ପତ୍ରିକାର ନିୟମିତ ପ୍ରକାଶନ ଓ ଏହାର ପ୍ରଚାର ପ୍ରସାର ପାଇଁ ଯଥେଷ୍ଟ ଉଦ୍ୟମ ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଙ୍କସାନ୍ତାଳୀଙ୍କ ଙ୍କନାଟ୍ୟକାର ମହେଶ୍ୱର ସୋରେନ୍‌ଙ୍କ ଲେଖା, ଲେଖକ ଓ ପାଠକ ମଧ୍ୟରେ ସମନ୍ୱୟର ଅଭାବ ଦୂର କରିବାକୁ ବକ୍ତବ୍ୟ ଛଳରେ କହିଥିଲେ । ଇତ୍ୟବସରରେ ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ଅବନୀ ଚନ୍ଦ୍ର ଦାସଙ୍କ ସମ୍ପାଦିତ ଙ୍କନିର୍ଭୀକ ପତ୍ରିକାର ଉତ୍କଳ ଦିବସ ସଂସ୍କରଣଙ୍କ ସହିତ ତିନିଗୋଟି ପୁସ୍ତକ ଯଥା କ୍ରମେ ବଟକୃଷ୍ଣ ସ୍ୱାଇଁ ଙ୍କ ରଚିତ ଙ୍କଭଜନ ମାଳା,। ନବକିଶୋର ଗୋସ୍ୱାମୀଙ୍କ ଶିଶୁ କବିତା ପୁସ୍ତକ ଙ୍କଭଲ ମଣିଷର ସ୍ୱପ୍ନ ଦେଖିବୁ ଧନ। ଏବଂ ଆଲୋକ କୁମାର ପ୍ରଧାନ ଙ୍କ ୧୧୧ ସନେଟ୍‌ଙ୍କ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ଙ୍କସଭାମୁଖ୍ୟ ଅଧ୍ୟାପକ ସୁମନ କର। ନିଜ ଅଭିଭାଷଣରେ ଶରତ କର ଓ ଅନିମା କର ଫାଉଣ୍ଡେସନ ସମାଜସେବା କ୍ଷେତ୍ରରେ ନିରନ୍ତର ଅଗ୍ରସର ହେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ସମସ୍ତ ମଞ୍ଚାସୀନ ଅତିଥି ତଥା ପ୍ରକାଶିତ ପୁସ୍ତକର ରଚୟିତା ମାନଙ୍କୁ ଫାଉଣ୍ଡେସନ ତରଫରୁ ଅଙ୍ଗବସ୍ତ୍ର, ବୃକ୍ଷ ଚାରା, ଉପଢୌକନ ଆଦି ସହିତ ସମ୍ବର୍ଦ୍ଧିତ କରାଯାଇ ଥିଲା । ଶେଷରେ ସଂଯୋଜକ ଅବନୀ ଚନ୍ଦ୍ର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।ସର୍ବଶ୍ରୀ ଅଜିତ୍ କୁମାର ସାହୁ, ଅମୂଲ୍ୟ କୁମାର ସ୍ୱାଇଁ, ବିଜୟ କୁମାର ବେହେରା, ଦିଲ୍ଲୀପ କୁମାର ମହାନ୍ତି, ଶିବ ପ୍ରସାଦ ଦାଶ ପ୍ରମୁଖ ଏହି ଉତ୍ସବ ପରିଚାଳନାରେ ସହଯୋଗିତା କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
your gateway to complete education
PRE-NURSERY, NURSERY, L.KG., U.KG., Std-1 to Std-VIII
Email : maharishipublicschool@yahoo.com
Web : www.maharishipublicschool.com


# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଘ୍ୟ ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ କାନଫେଷ୍ଟ - ୨୦୨୫ - କିଛି ସ୍ମୃତି କିଛି ଅନୁଭୂତି

ନାଟକ ହେଉଛି ସମାଜର ଦର୍ପଣ ସଦୃଶ । ଏହା ସୃଜନଶୀଳତାକୁ ପ୍ରୋତ୍ସାହିତ କରେ, ଯୋଗାଯୋଗକୁ ଉନ୍ନତ କରେ ଏବଂ ଆତ୍ମ ପ୍ରକାଶନ ଓ ସାଂସ୍କୃତିକ ବୁଝାମଣା ପାଇଁ ଏକ ମଞ୍ଚ ପ୍ରଦାନ କରେ । ନାଟ ମଞ୍ଚନର ଦୁଇ ଗୋଟି ରୂପ ଯଥା ଅପେରା ଓ ଥିଏଟର ଉପରେ ଦୃଷ୍ଟି ପକାଇଲେ ଜଣାପଡେ କି ଅପେରା ଏକ ନାଟକୀୟ କଳାର ପ୍ରକାର ଯେଉଁଠାରେ କାହାଣୀ ଗୁଡ଼ିକ ମୁଖ୍ୟତଃ ଗୀତ, ସଙ୍ଗୀତ ଏବଂ ଆର୍କେଷ୍ଟ୍ରା ସାଥିରେ କୁହାଯାଏ କିନ୍ତୁ ଅପର ପକ୍ଷରେ ଥିଏଟରରେ କଥିତ ସଂଳାପ ବିଭିନ୍ନ ପ୍ରକାରର ନାଟକୀୟ ପ୍ରଦର୍ଶନ ଅନ୍ତର୍ଭୁକ୍ତ । ସମାଜର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ଜନସାଧାରଣଙ୍କ କଳ୍ପନାର ସାମ୍ନାକୁ ଆଣିବା ଏବଂ ସେମାନଙ୍କ ଦ୍ୱାରା ପ୍ରଭାବିତ ସମ୍ପ୍ରଦାୟ ଏବଂ ବ୍ୟକ୍ତି ବିଶେଷଙ୍କ ନିକଟରେ ତାକୁ ପହଞ୍ଚାଇବାର କ୍ଷମତା ଥିଏଟର ପାଖରେ ଅଛି ।

ଯଦିଓ ଥିଏଟର ମାଧ୍ୟମରେ ନାଟ ମଞ୍ଚନର ଚାହିଦା ବିଗତ ଦିନ ମାନଙ୍କରେ କମି ଯାଇଥିଲା ତଥାପି ଅନେକ ନାଟ୍ୟ ଅନୁଷ୍ଠାନ ଏହି ଥିଏଟର କଳାକୁ ଉଜ୍ଜୀବିତ କରି ରଖିବାରେ ସେମାନଙ୍କର ପ୍ରଚେଷ୍ଟା ନିରନ୍ତର ଭାବରେ ଜାରି ରଖିଛନ୍ତି । ଓଡ଼ିଶା ରାଜ୍ୟରେ ଏହିପରି ଅନୁଷ୍ଠାନ ମାନଙ୍କ ମଧ୍ୟରେ ପାରାଦୀପ ପରି ଏକ ଛୋଟ ସହରର ନାଟ୍ୟ ଅନୁଷ୍ଠାନ କାନମାସ ଅନ୍ୟତମ । କାନମାସ ପାରାଦୀପ ବନ୍ଦର ସହରରେ ନାଟ୍ୟ ମହୋତ୍ସବ ଆୟୋଜନ କରି ସହରରେ କେବଳ ନାଟ୍ୟ ଆନ୍ଦୋଳନ ସୃଷ୍ଟି କରିନାହିଁ ତା ସଙ୍ଗେ ସଙ୍ଗେ ଅନ୍ୟ ରାଜ୍ୟ ମାନଙ୍କର କଳା ଓ ସଂସ୍କୃତିକୁ ଜନ ମାନସରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ନିଜର ପ୍ରସ୍ତୁତି ନାଟକ ରାଜ୍ୟ ତଥା ଦେଶର ବିଭିନ୍ନ ମଞ୍ଚରେ ବିଶେଷ କରି ନେସନାଲ ସ୍କୁଲ ଅଫ ଡ୍ରାମା ଦ୍ୱାରା ଆୟୋଜିତ ରଙ୍ଗ ମହୋତ୍ସବ ମଞ୍ଚରେ ପରିବେଷଣ କରି ପାରାଦୀପ ବନ୍ଦର ସହରକୁ ଭାରତ ମାନଚିତ୍ରରେ ସାଂସ୍କୃତିକ ପ୍ରସିଦ୍ଧି ଦେବା ସହିତ ଓଡ଼ିଶା ରାଜ୍ୟକୁ ଗୌରବାନ୍ୱିତ କରି ପାରିଛି । କାନମାସ କେବଳ ନାଟକ ପ୍ରସ୍ତୁତ କରି ପ୍ରଶଂସା ସାଉଁଟି ନାହିଁ ବରଂ ତା ସଙ୍ଗେ ସଙ୍ଗେ ନାଟ୍ୟ ସଂସ୍କୃତିରେ ଥିବା ଖାଲି ସ୍ଥାନକୁ ପୁରଣ କରିବାରେ ଗୁଣ୍ଡୁଚି ମୂଷାଟିଏ ପରି ବାଲି ଗରଡ଼ା ପକାଇ ଚାଲିଛି । ଏହାର ଅନନ୍ୟ ଉଦାହରଣ ହେଉଛି ସଦ୍ୟ ସମାପ୍ତ ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ । ଦୀର୍ଘ ୨୫ ବର୍ଷ ତଳେ ବନ୍ଦରର କିଛି ସଂସ୍କୃତି ପ୍ରେମୀ ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଗଠିତ ଏହି ଶିଶୁ ଅନୁଷ୍ଠାନଟି ପୂଜା କିମ୍ବା ସାହିତ୍ୟ ଆଲୋଚନା ଆୟୋଜନରୁ ଊର୍ଦ୍ଧ୍ୱକୁ ଯାଇ ଦୀର୍ଘ ୨୨ ବର୍ଷ ହେଲା ବନ୍ଦର ସହରରେ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜନ କର ଆସୁଛି ଯେଉଁଠି ବିଭିନ୍ନ ରାଜ୍ୟର ନାଟ୍ୟ ଅନୁଷ୍ଠାନ ମାନେ ସେମାନଙ୍କର କଳା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ କାନମାସର ଆୟୋଜନ ଶୈଳୀ ଓ ଆତିଥେୟତାର ଭୁଇଁୟଶି ପ୍ରଶଂସା କରିଛନ୍ତି ଏବଂ ପାରାଦୀପର ଏହି ମଞ୍ଚରେ ପୁନର୍ବାର ନାଟକ ପରିବେଷଣ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଯାଇଛନ୍ତି । ୨୨ତମ ଜାତୀୟ ନାଟକ ମହୋତ୍ସବ ଚଳିତ ବର୍ଷ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇ ୨୬ ତାରିଖ ଦିନ ଉଦଯାପିତ ହୋଇଯାଇଛି । ଦୀର୍ଘ ୮ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ନାଟ ମଞ୍ଚନର ବିଭିନ୍ନ ଶୈଳୀ, ସମ୍ବାଦ ପ୍ରେରଣର କଳା ଓ ସାମାଜିକ କୁସଂସ୍କୃତିକୁ ଉଜାଗର କରିବା ଦେଖିବାକୁ ମିଳିଥିଲା । କାନମାସର ସମସ୍ତ କର୍ମକର୍ତ୍ତା ବିଶେଷ କରି ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ମହୋତ୍ସବଟି ସଫଳତାର ଶିଖର ଛୁଇଁ ଥିଲା ଏବଂ ମଞ୍ଚିତ ନାଟକ ଅନେକ କିଛି ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଆଜିର ନୂତନ ପୀଢ଼ିଙ୍କୁ ଥିଏଟର କଳା ପ୍ରତି ଆକୃଷ୍ଟ କରିଛି ଯାହାକି ଭବିଷ୍ୟତରେ ପାରାଦୀପ ପରି ସହରରେ ଅନେକ ଯୁବ ପ୍ରତିଭା ସୃଷ୍ଟି କରି ପାରିବ। ମହୋତ୍ସବରେ ମଞ୍ଚିତ ନାଟକ କର୍ଣ୍ଣ, କଥା କର୍ଣ୍ଣଭାର ପୌରାଣିକ ପୃଷ୍ଠଭୂମିକୁ ସ୍ପର୍ଶ କରିଥିବା ବେଳେ ନାଟକ ଶତ୍ରୁ – ଦ ଏନ୍ମି ଉଇଦିନ, ଦ ବୋଟ ବୟ ଇତିହାସ ପୃଷ୍ଠଭୂମି ଉପରେ ଆଧାରିତ ଥିଲା । ସେହିପରି ନାଟକ ବାନ୍ଝ ଓଡ଼ିଶାରେ ଥିବା କୁସଂସ୍କାର ଓ ନାରୀ ସ୍ୱାଧିନତାକୁ ଛୁଇଁଥିବା ବେଳେ ନାଟକ ରୁଦାଲି ରାଜସ୍ଥାନ ରାଜ୍ୟର ପ୍ରାଚୀନ ସଂସ୍କୃତିକୁ ପ୍ରଦର୍ଶନ କରିଥିଲା । କେରଳରୁ ଆସିଥିବା ନାଟ୍ୟ ଅନୁଷ୍ଠାନ ପ୍ରଥମ ଥର ପାଇଁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତର ଜୀବନ କାହାଣୀକୁ ନେଇ ମାଲୟଲାମ ଭାଷାରେ ଦ ବୋଟ ବୟେ ପ୍ରସ୍ତୁତ କରିଥିଲେ ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଓଡ଼ିଶାର କୋରାପୁଟରୁ ଆସିଥିବା ଅନୁଷ୍ଠାନ ଜନଜାତି ବଣ୍ଡା ସମ୍ପ୍ରଦାୟର ସଂସ୍କୃତି ଓ ଜୀବନ ଶୈଳୀ ଉପରେ ରେମୋ ନାଟକ ପ୍ରସ୍ତୁତ କରିଥିବା ବେଳେ ନାଟକ ରଙ୍ଗଭୂମୀ ଓ ଲୁହର ରଙ୍ଗ ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ବାହକ ସାଜିଥିଲା । ସେହିପରି ନାଟକ ସନ୍ - ୨୦୨୫ ଆଧୁନିକତା କିପରି ସମାଜର ବିଭିନ୍ନ ସଂସ୍କୃତି ଓ ପରମ୍ପରାକୁ କଳୁଷିତ କରୁଛି ସେଇ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲା । ସବୁଠାରୁ ମୁଖ୍ୟ କଥା ଏହିକି ଯେ ସଦ୍ୟ ସମାପ୍ତ ୨୨ତମ ନାଟ୍ୟ ମହୋତ୍ସବ କେବଳ ପାରାଦୀପର ଜୟଦେବ ସଦନ ମଞ୍ଚରେ ସୀମିତ ନରହି ଅନ୍ୟ ଦୁଇଟି ମଞ୍ଚ ଯଥା ଇଫକୋ ଓ ଆଇଓସିଏଲ ମଞ୍ଚରେ ମଧ୍ୟ ସମାନ୍ତରାଳ ଭାବରେ ଅନୁଷ୍ଠିତ ହୋଇଥିଲା । ଭାଷାର ବିବିଧତା ସତ୍ତ୍ୱେ ମଂଚିତ ସବୁ ନାଟକ ଗୁଡ଼ିକ ସମାଜର କୌଣସି ନା କୌଣସି ମହତ୍ତ୍ୱପୂର୍ଣ୍ଣ ଭାଗକୁ ଦର୍ଶକ ମାନଙ୍କ ସମ୍ମୁଖରେ ଉତ୍ଥାପନ କରିବାରେ ସଫଳ ହୋଇଥିଲା ଏବଂ ଦର୍ଶକ ଆଦୃତ ହୋଇଥିଲା ।

ନାଟକ ମହୋତ୍ସବ ସମାପ୍ତ ହୋଇଯାଇଛି ସତ କିନ୍ତୁ ଜନ ମାନସରେ ନାଟକ ପ୍ରତି ରୁଚିକୁ ବୃଦ୍ଧି କରିବାରେ କାନମାସ ସଫଳ ହୋଇଛି ଯାହାକି ନାଟ୍ୟ ମହୋତ୍ସବରେ ଅତିଥି ଭାବରେ ଯୋଗ ଦେଇଥିବା ବିଶିଷ୍ଟ ନାଟ୍ୟବିତ୍, ନାଟ୍ୟ ନିର୍ଦ୍ଦେଶକ ଓ ଉପସ୍ଥିତ ବୁଦ୍ଧିଜୀବୀ ନାଟ୍ୟପ୍ରେମି ମାନେ ସେମାନଙ୍କର ବିଶ୍ଳେଷଣ ମାଧ୍ୟମରେ ପରିପ୍ରକାଶ କରିଥିଲେ । ଅନେକ ଆଶା କରିଥିଲେ କି ଆସନ୍ତା ଦିନ ମାନଙ୍କରେ କାନମାସ ଏହି ମହୋତ୍ସବକୁ ଆନ୍ତର୍ଜାତିକ ମହୋତ୍ସବରେ ପରିଣତ କରିବାରେ ସଫଳ ହେବ । ଏହି ନାଟ୍ୟ ମହୋତ୍ସବ ଦର୍ଶକମାନଙ୍କ ମନରେ ଛାଡ଼ି ଯାଇଛି ଅନେକ ସ୍ମୃତି ଓ ଅନେକ ଅନୁଭୂତି ଏବଂ ତା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ପାଇଁ ସୃଷ୍ଟି କରିଛି କିଛି ସମ୍ଭାବନାର ପ୍ରତିଶ୍ରୁତି । ଜଣେ ସାହିତ୍ୟ ପ୍ରେମୀ ଦର୍ଶକ ଭାବରେ ନାଟକର ଲେଖା, ମଞ୍ଚନ ଶୈଳୀ, ସମାଜକୁ ଦେଇଥିବା ବାର୍ତ୍ତା ଓ ନାଟ ମଞ୍ଚନର ବ୍ୟବସ୍ଥାକୁ ଦେଖି କୁହାଜାଇ ପାରେ କି ନାଟକ ବଞ୍ଚି ରହୁ, ନାଟକ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସୁ, ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନହୋଇ ନାଟକ ମାଧ୍ୟମରେ ବିଭିନ୍ନ ରାଜ୍ୟର କଳା ଓ ସଂସ୍କୃତିର ଆଦାନ ପ୍ରଦାନ ହେଉଥାଉ ଏବଂ କାନମାସ ଜାତୀୟ ସ୍ତରର ନାଟକ ମହୋତ୍ସବକୁ ଆନ୍ତର୍ଜାତିକ ସ୍ତରକୁ ନେଇଯାଉ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

*ରାମ ଚନ୍ଦ୍ର ସ୍ୱାଇଁ*
*ରିପୋର୍ଟର, ପର୍ଯ୍ୟବେକ୍ଷକ*
*ପାରାଦୀପ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Friday April 04 ଭୁବନେଶ୍ୱର ଶୁକ୍ରବାର, ୦୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ପରିବେଶ ଦିବସ ପାଳନ




ଦାନଗଦି,(ପି ଏନ୍) : ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ପ୍ଲାଣ୍ଟ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ (୨୧ ମାର୍ଚ୍ଚ), ବିଶ୍ୱ ଜଳ ଦିବସ (୨୨ ମାର୍ଚ୍ଚ), ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ (୩୦ ମାର୍ଚ୍ଚ) ଅନ୍ତର୍ଭୁକ୍ତ। କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡିକର ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ମାର୍ଚ୍ଚ ୨୧ ତାରିଖରେ ଚାରା ବଣ୍ଟନ ଅଭିଯାନ ସହିତ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସଏଲ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧି କରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ । ୨୨ ମାର୍ଚ୍ଚ ଦିନ ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବ ଗୋଷ୍ଠୀ ଏବଂ ଜେଏସଏଲର ଏନଜିଓ ସହଭାଗୀ, ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା।

## ଟୁର୍ଲା ଗାଁ ର ସୁକାନ୍ତି ନାଗ ପରିବାର, ଭଙ୍ଗା ଘରେ ବିତୁଛି ଜୀବନ

ଖପ୍ରାଖୋଲ,(ପି.ଏନ) : ସରକାର ଗୃହ ହିନ, କୁଡିଆ ଘରେ, କଚ୍ଚା ଘରେ ରହୁଥିବା ପରିବାର କୁ ପକ୍କା ଘର ଯୋଗାଇବାକୁ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟା ଗୃହ ଯୋଜନା ଭଳି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ହେଲେ ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁରଲା ଗାଁ ର ସୁକାନ୍ତି ନାଗ (୩୫) ପରିବାର ପାଇଁ ଆବାସ ଯୋଜନା ଅପହଞ୍ଚ। ସୁକାନ୍ତି ର ପରିବାର କହିଲେ ପୁଅ ଚୁମନ୍(୮), ଝିଅ ବନ୍ଦିତା (୬)। ପ୍ରାୟ ଦୁଇବର୍ଷ ହେବ ସ୍ୱାମୀ ହିରାଧର ଆରପାରିରେ। ପରିବାର ର ସବୁବୋଝ ସୁକାନ୍ତି ମୁଣ୍ଡରେ। ସରକାରୀ ସହାୟତା କହିଲେ ୧ ହଜାର ଟଙ୍କା ବିଧବା ଭତା ଓ ୧୫ କେଜି ମାଗଣା ଚାଉଳ। ପିଲାଙ୍କୁ ଛାଡ଼ି ପର ମୂଳ ଲାଗିବା ସମ୍ଭବ ହେଉନଥିବା ବେଳେ ଝାଟି ମାଟି ଭଙ୍ଗା ଘରେ ପରିବାର ର ବିତୁଛି ଜୀବନ।

# ପାରାଦ୍ୱୀପ ଥିବା ସମସ୍ତ ମଦ ଦୋକାନ ସ୍ଥାନାନ୍ତର ଦାବି କଲା ଛାତ୍ର କଂଗ୍ରେସ

ପାରାଦ୍ୱୀପ,(ପି.ଏନ) : ପାରାଦ୍ୱୀପର ଦୋ ଛକିରୁ ବଡପଡ଼ିଆ ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନକୁ ସ୍ଥାନାନ୍ତର ଦାବି କରିଛି ପାରାଦ୍ୱୀପ ଛାତ୍ର କଂଗ୍ରେସ। ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୟରେ ପାରାଦ୍ୱୀପର ଦୋ ଛକିରେ ଥିବା ମଦ ଦୋକାନର ୩୦୦ମିଟର ଭିତରେ ଡାକ୍ତର ଖାନା,ବିଦ୍ୟାଳୟ, ପରିବା ବଜ଼ାର ଓ ଜନଗହଳି ପୂର୍ଣ୍ଣ ଜାଗା ଥିଲା ବେଳେ କି ଭଳି ଭାବେ ମଦ ଦୋକାନ ଖୋଲିବା କୁ ଅନୁମତି ମିଳିଲା ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି, ସେଇ ଭଳି ତାରିଣୀ ଗଡା ୧୮ ବାଙ୍କୀ ଜନ ଗହଳି ପୂର୍ଣ୍ଣ ଜାଗା ହୋଇଥିବା ବେଳେ ମଦ ଦୋକାନ ରହିଛି । ବିଶେଷ କରି ପାରାଦ୍ୱୀପ ର ମୁଖ୍ୟ ବଜ଼ାର ବଡପଡ଼ିଆ ହୋଇଥିବା ବେଳେ ହଜାର ହଜାର ଲୋକ ଏଇ ବଜ଼ାର ଉପରେ ନିର୍ଭର କରନ୍ତି। ଏହି ବଜ଼ାରରେ ୪ ଟି ମଦ ଦୋକାନ ରହିଛି,କି ଭଳି ଭାବେ ଏହି ମୁଖ୍ୟ ବଜ଼ାରରେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିଲା ତାକୁ ଛାତ୍ର କଂଗ୍ରେସ ଦୁର୍ଦ୍ଧ ନିନ୍ଦା କରିଛି , ପ୍ରତେକ ଦିନ ମଦ ଦୋକାନ ଥିବା ସ୍ଥାନରେ ଅଧିକ ରୁ ଦୁର୍ଘଟଣା ହେଉଛି,ସନ୍ଧ୍ୟା ହେଲା ମାତ୍ରେ ମଦ ଦୋକାନରେ ଭିଡ ଜମିବାରେ ଲାଗିଛି ସେଇ ଜାଗାରେ ଚୋରି ମଧ୍ୟ ବଢ଼ିବାରେ ଲାଗିଛି ପ୍ରତେକ ଦିନ ଧଳା ଜହର ଓ ମଦ ଖାଇ ସାଧାରଣ ଲୋକଙ୍କୁ ମାଡ଼ ପିଟ ଠୁ ଆରମ୍ଭ କରି ସୁନା ଚେନ ହାର ଚୋରି କରିବାକୁ ପଛାଉନାହାନ୍ତି। ପାରାଦ୍ୱୀପ ଅଂଚଳରେ ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କରୁଛନ୍ତି।। ପାରାଦ୍ୱୀପ ରେ ହୁ ହୁ ହୋଇ ଚୋରା ମଦ,ଗଂଜେଇ ଓ ଧଳା ଜହର ବଢ଼ିବାରେ ଲାଗିଛି ସବୁ ଜାଣି ମଧ୍ୟ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ନିରବ ରହିଛି। ମଦ ଦୋକାନ ସ୍ଥାନାନ୍ତର ନଚେତ ବନ୍ଦ କରାଯାଉ, ଧଳା ଜହର, ଗଂଜେଇ ଓ ଚୋର ମଦ କୁ ତୁରନ୍ତ ବନ୍ଦ କରାଯାଉ ନଚେତ ଆଗାମୀ ଦିନରେ ଛାତ୍ର କଂଗ୍ରେସ ରାଜ ରାସ୍ତାକୁ ଓଲେହିବ ବୋଲି ଛାତ୍ର କଂଗ୍ରେସ ଦାବି କରିଛି । ଏହି ମାନଙ୍କ ମଧ୍ୟରେଛାତ୍ର ନେତା ସୌମ୍ୟ ରଞ୍ଜନ ରାଉତ, ସୁବ୍ରତ ବେହେରା, ମହେଶ ବେହେରା, ଦିଲୀପ ବେହେରା, ସୌମେନ୍ଦ୍ର ଜେନା, ଆଲୋକ ନାୟକ, ଆୟେସକାନ୍ତ ଦାଶ, ରାହୁଲ ମଲ୍ଲିକ, ରଶ୍ମି ରଞ୍ଜନ ପରିଡା, ଅମର ମିହାନ୍ତି, ଓମ ପ୍ରକାଶ ମଣ୍ଡଳ, ତୋଫାନ ହଜ଼ାରୀ, ଜନ୍ମୟଜ ମଲ୍ଲିକ, ବଂଶୀ ଦାସ ଉପସ୍ଥିତ ଥିଲେ।

# ରକ୍ତ କର୍କଟ ରୋଗ ଆକ୍ରାନ୍ତ ଶିଶୁକୁ ସହାୟତା ପାଇଁ ପରିବାର କଲେ ନିବେଦନ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଦଳକ ଗ୍ରାମର ଦିନ ମଜୁରିଆ ସୌମ୍ୟ ରଞ୍ଜନ ବଳିୟାର ସିଂହଙ୍କର ପତ୍ନୀ ଯଶୋଦାଙ୍କର ଗୋଟିଏ ଝିଅ ସ୍ମୃତିମୟୀ (୮) ଓ ଶିଶୁ ପୁତ୍ରକୁ ନେଇ ପରିବାର। ତାଙ୍କ ଝିଅ ସ୍ମୃତିମୟୀ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ଧରି ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ପ୍ରାଇଭେଟ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ସମୟରେ ବିଏସକେୱାଇ କାର୍ଡ ମାଧ୍ୟମରେ ଚିକିତ୍ସା ସେବା ପାଇ ଆସୁଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଆବଶ୍ୟକ ଠାରୁ ଅଧିକ ଅର୍ଥ ଆବଶ୍ୟକତା ପଡୁଥିବାରୁ ଦମ୍ପତି ଚିନ୍ତାରେ କାଳାତିପାତ କରୁଛନ୍ତି । ଯାହାକି ବିଏସକେୱାଇ କାର୍ଡରେ ଚିକିତ୍ସା ନିମିତ ଯେତିକି ଅର୍ଥ ରହିଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି ଜଣା ପଡ଼ିଛି ।ଶ୍ରୀ ବଳିୟାର ସିଂହ ଆର୍ଥିକ ଅନାଟନ ସତ୍ୱେ ନିଜର ଗୁଜୁରାଣ ମେଣ୍ଟାଇବା ସହ ଆଜି ପର୍ଯ୍ୟନ୍ତ ଝିଅର ଚିକିତ୍ସା କରି ଆସୁଛନ୍ତି । ଗତ ଦୁଇ ମାସ ତଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଶାସନିକ ସ୍ତରରେ ସହଯୋଗ ପାଇଁ ଲିଖିତ ଭାବେ ଜଣାଇ ଥିଲେ ମଧ ତାହା କାର୍ଯ୍ୟକାରୀରେ ବିଳମ୍ବ ଘଟୁଛି । ଯଦି କୌଣସି ସହୃଦୟ ବ୍ୟକ୍ତି ସହଯୋଗ କରିବାକୁ ଚାହୁଁଥାନ୍ତି ତେବେ ୮୭୭୮୬୮୫୦୭୪ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

# ସୁସ୍ଥ ରହିବା ପାଇଁ ଆଲମଣ୍ଡ ହେଉଛି ଏକ ଦରକାରୀ ପୋଷକ

ଭୁବନେଶ୍ୱର,(ପି.ଏନ): ଚଳିତ ବିଶ୍ୱସ୍ୱାସ୍ଥ୍ୟ ଦିବସ ଅବସରରେ ଉ ମ ସ୍ୱାସ୍ଥ୍ୟ ପାଇଁ ଆଲମଣ୍ଡ ସେବନକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । କେବଳ ଦୀର୍ଘ ଦିନ ପର୍ଯ୍ୟନ୍ତ ବ ୍ରହିବା ପାଇଁ ନୁହେଁ ବରଂ ଏକ ସୁସ୍ଥ ଜୀବନ ବଂଚିବା ନିମନ୍ତେ ଏହା ଅପରିହାର୍ଯ୍ୟ। ଆଲମଣ୍ଡରେ ୧୫ଟି ଦରକାରୀ ପ୍ରାକୃତିକ ତ ୍ଯେପରିକି, ପ୍ରୋଟିନ, ଖାଦ୍ୟପୋଯୋଗୀ ତନ୍ତୁ, ସ୍ୱାସ୍ଥ୍ୟକର ଚର୍ବି, ମ୍ୟାଗନେସିୟମ, ଜିଙ୍କ ଏବଂ ଭିଟାମିନ ଇ ଇତ୍ୟାଦି ଭରପୂର ରହିଛି। ଚଳିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଶେଷଜ୍ଞମାନେ ଖାଦ୍ୟରେ ମୁଠାଏ ଆଲମଣ୍ଡର ସେବନ ଉପରେ ଗୁରୁତ୍ୱାରୋପ କରିଛନ୍ତି ।
ବିଶ୍ୱସ୍ୱାସ୍ଥ୍ୟ ଦିବସ ଅବସରରେ ନିଜର ମତ ପ୍ରଦାନ କରି ମାକ୍ସ ହେଲ୍‌ଥ କେୟାର ପକ୍ଷରୁ ଏହାର ଆଂଚଳିକ ମୁଖ୍ୟ-ଡ଼ାଇଟେଟିକ୍ସ, ରିତିକା ସମ୍ମଦାର କହିଛନ୍ତିଯେ, 'ଭାରତୀୟମାନେ ସଠିକ୍ ଖାଦ୍ୟପେୟରୁ ଦୂରେଇଯିବା ହେତୁ ମୋଟାପଣ ବୃଦ୍ଧି, କାର୍ଡ଼ିଓ ଭାସ୍କୁଲାର ରୋଗ ଏବଂ ମଧୁମେହ ଦ୍ୱାରା ଆକ୍ରା' ହେଉଛନ୍ତି । ତେଣୁ ଆମକୁ ସବୁଜ ପନିପରିବା, ଫଳ ତଥା ଆଲମଣ୍ଡ ଭଳି ଖାଦ୍ୟକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ଆବଶ୍ୟକ ।' ଜଣେ ପ୍ରତିଷ୍ଠିତ ପୁଷ୍ଟିକର ନିରୋଗ ପରାମର୍ଶଦାତା, ଶୀଲା କ୍ରିଷ୍ଣାସ୍ୱାମୀ ମୋଟାପଣରୁ ଦୂରେଇବା ପାଇଁ ପ୍ରତିଦିନ ମୁଠାଏ ଆଲମଣ୍ଡ ଖାଇବାର ଆବଶ୍ୟକତା ରହିଛିବୋଲି କହିଛନ୍ତି ।' ଡ଼କ୍ଟର ରୋହିଣୀ ପାଟିଲ, ଏମବିବିଏସ ତଥା ନ୍ୟୁଟ୍ରିସିଓନିଷ୍ଟ କହିଛନ୍ତିଯେ, 'ଭାରତ ବିଶ୍ୱର ମଧୁମେହର ରାଜଧାନୀ ରୂପେ ଉଭା ହେଉଥିବାବେଳେ ଆଲମଣ୍ଡ ସେବନର ଆବଶ୍ୟକତା ରହିଛି, ଯାହାକି ପୌଷ୍ଟିକତା ଏବଂ ଫାଇବରରେ ଭରପୂରା

# କ୍ୟାମ୍ବ୍ରିଜ ପକ୍ଷରୁ ସାଉଥ ଏସିଆ ସ୍କୁଲ୍‌ସ କନ୍‌ଫରେନ୍ସ ଆୟୋଜିତ




ଭୁବନେଶ୍ୱର,(ପି.ଏନ): କ୍ୟାମ୍ବ୍ରିଜ ୟୁନିଭର୍ସିଟି ପ୍ରେସ ଆଣ୍ଡ ଆସେସମେଂଟ (କ୍ୟାମ୍ବ୍ରିଜ)ରେ ଇଂଟରନ୍ୟାଶନାଲ ଏଜୁକେଶନ ଗ୍ରୁପ ପକ୍ଷରୁ ଏହାର ୨ୟ ବାର୍ଷିକ ସାଉଥ ଏସିଆ କ୍ୟାମ୍ବ୍ରିଜ ସ୍କୁଲସ କନଫରେନ୍ସର ଆୟୋଜନ କରାଯାଇଛି । ଯାହା ଭାରତ, ନେପାଳ, ଶ୍ରୀଲଙ୍କା, ଭୁଟାନ, ବାଂଲାଦେଶ ଓ ମାଲଡିଭ୍‌ସ ଆଦିରୁ ୪୦୦ ଶିକ୍ଷାବିତ, ବିଦ୍ୟାଳୟ ଓ ଥଟ୍ ଲିଡରମାନଙ୍କୁ ଏକତ୍ରିତ କରିଛି। ଏହି ସମ୍ମିଳନୀ ୨୦୩୦ ସୁଦ୍ଧା ୪୪ ମିଲିୟନ ନୂଆ ଶିକ୍ଷକଙ୍କ ପାଇଁ ରହିଥିବା ଏକ ଆ'ର୍ଜାତୀୟ ଚାହିଦାର ପୃଷ୍ଠଭୂମିରେ ସ୍ଥାପିତ ହୋଇଛି। ଏହି ଆବଶ୍ୟକତାକୁ ଚିହ୍ନଟ କରି କ୍ୟାମ୍ବ୍ରିଜ ଏହି ଅଂଚଳର ଶିକ୍ଷାଦାନ କ୍ଷମତାକୁ ବୃଦ୍ଧି କରିବା ପାଇଁ ନୂଆ ପ୍ରଫେସନାଲ ଡେଭଲପମେଂଟ ପ୍ରୋଗ୍ରାମ ଏବଂ କ୍ୱାଲିଫିକେଶନ, ଅପସ୍କିଲିଙ୍ଗ ପାଠ୍ୟକ୍ରମ, ପ୍ରି-ସର୍ଭିସ ଟିଚର ଟ୍ରେନିଂ ଏବଂ ସ୍ୱଚ୍ଛାବଧିର ଇ-ଲର୍ଣ୍ଣିଂ ମଡ୍ୟୁଲଗୁଡିକ ମାଧ୍ୟମରେ ଅଂଚଳର ଶିକ୍ଷାବିତମାନଙ୍କୁ ସଶକ୍ତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ହାଇଲାଇଟ କରିଛି। ଉଦ୍‌ଘାଟନୀ ଅଭିଭାଷଣରେ କ୍ୟାମ୍ବ୍ରିଜ ଇଂଟରନ୍ୟାଶନାଲ ଏଜୁକେଶନ ବିଭାଗର ଗୋଷ୍ଠୀ ପରିଚାଳନା ନିର୍ଦ୍ଦେଶକ, ରଡ୍ ସ୍ମିଥ କହିଛନ୍ତି ଯେ, 'କ୍ୟାମ୍ବ୍ରିଜରେ ଆମେ ଶିକ୍ଷାର୍ଥୀମାନଙ୍କୁ ଏକ ଦ୍ରୁତ-ପରିବର୍ତ୍ତିତ ଦୁନିଆ ପାଇଁ ପ୍ରସ୍ତୁତ କରିବା ଲାଗି ପ୍ରତିବଦ୍ଧ ରହିଛୁ। ଏହାକୁ ହାସଲ କରିବା ପାଇଁ ଆମେ ବୃତିଗତ ବିକାଶ ସହ ଶିକ୍ଷକମାନଙ୍କୁ ସହଯୋଗ କରୁଛି, ଆମେ ଆଧୁନିକ ମୂଲ୍ୟାୟନ ପାଇଁ ଡିଜିଟାଲ ପରୀକ୍ଷାର ଆରମ୍ଭ କରିଛୁ ଏବଂ ଆମେ ଶିକ୍ଷାକୁ ଉନ୍ନତ କରିବା ପାଇଁ ଏଆଇକୁ ଏକତ୍ରିତ କରିଛୁ। ଏହି ସମ୍ମିଳନୀ ସମ୍ପର୍କରେ ଇଂଟରନ୍ୟାଶନାଲ ଏଜୁକେଶନ, ଦକ୍ଷିଣ ଏସିଆ, ବରିଷ୍ଠ ଉପାଧକ୍ଷ, ବିନୟ ଶର୍ମା କହିଛନ୍ତି, 'ଆ'ର୍ଜାତୀୟ ଶିକ୍ଷାକୁ ପହଂଚଯୋଗ୍ୟ କରିବା ସହ ଗୁଣବତାର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ଆମର ପ୍ରତିଶ୍ରୁତିବଦ୍ଧତା ଅଟଳ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ନୂଆ ମାଧ୍ୟମଗୁଡିକୁ ଅନ୍ୱେଷଣ କରିବା' ଭାରତରେ ଶିକ୍ଷାର୍ଥୀଙ୍କ ପାଇଁ କ୍ୟାମ୍ବ୍ରିଜର ଅନ୍ୟ ପ୍ରମୁଖ ପଦକ୍ଷେପଗୁଡିକ ମଧ୍ୟରେ ଜଳବାୟୁ ସ୍ଥିରତାକୁ ନୂଆ ରୂପ ଦେବା ପାଇଁ କ୍ଲାଇମେଟ କ୍ୱେଷ୍ଟ, ଜାତୀୟ ଉଚ୍ଚ-ସ୍ତରୀୟ ପରୀକ୍ଷାଗୁଡିକର ଆବଶ୍ୟକତାକୁ ପୂରଣ କରିବା ପାଇଁ କ୍ୟାମ୍ବ୍ରିଜ କନେକ୍ଟ, ସ୍ଥାନୀୟ ପ୍ରଶାସନିକ ଆବଶ୍ୟକତା ସହ ସମନ୍ୱୟ ରଖିବା ପାଇଁ ମାର୍ଚ୍ଚ ଏଗ୍‌ଜାମ ସିରିଜ, ଇଂରାଜୀକୁ ଏକ ଦକ୍ଷତା ଭାବେ ବିକଶିତ କରିବା ପାଇଁ ଇଂଟିଗ୍ରେଟେଡ ଲର୍ଣ୍ଣିଂ ଆଣ୍ଡ ଆସେସମେଂଟ ଏବଂ ଯୁବ ଉଦ୍ୟୋଗିକତା ମାନସିକତାକୁ ପ୍ରୋତ୍ସାହିତ କରିବା ପାଇଁ ୟଙ୍ଗ ପାୟୋନିଅର୍ସ ଆଦି ସାମିଲ ରହିଛି। ପ୍ୟାନେଲ ଆଲୋଚନାଗୁଡିକରେ ୟୁନିଭର୍ସିଟି ଅଫ କ୍ୟାମ୍ବ୍ରିଜର ଏଜୁକେଶନ ବିଭାଗର ପ୍ରଫେସର ମାର୍କ ୱିଂଟରବଟମ, କ୍ୟାମ୍ବ୍ରିଜର ରିସର୍ଚ୍ଚ , ଇଂଟରନ୍ୟାଶନାଲ ଏଜୁକେଶନ ବିଭାଗର ମୁଖ୍ୟ ସାରା ହ୍ୟୁଗ୍‌ସ, ଗୁଗଲ ଫର ଏଜୁକେଶନ, ଇଣ୍ଡିଆର ମୁଖ୍ୟ ସୟ ଜୈନ, ଇଂଟରନ୍ୟାଶନାଲ ଏଜୁକେଶନର ଡିଜିଟାଲ ପ୍ରଡକ୍ଟସ ଆଣ୍ଡ ସର୍ଭିସେସ ବିଭାଗର ନିର୍ଦ୍ଦେଶକ ଲିଣ୍ଡସେ ନାଦିନ, ୟୁନିଭର୍ସିଟି ଅଫ୍ କ୍ୟାମ୍ବ୍ରିଜର ଏଜୁକେଶନ ବିଭାଗର ଫ୍ୟାକଲ୍ଟି ଡଃ ସ୍ୟୁ ବ୍ରିଣ୍ଡଲେ, କ୍ୟାମ୍ବ୍ରିଜ ୩-୧୯ କରିକୁଲମର ନିର୍ଦ୍ଦେଶକ ଅବିଗେଲ ବାରନେଟ, କ୍ୟୁପାର ସିନିୟର ଇମ୍ପାକ୍ଟ ଇଭାଲୁଏଟର ଆୟନୁର ଇସ୍‌ମାୟିଲି କାରାକୋକ, ଇଂଟରନ୍ୟାଶନାଲ ଏଜୁକେଶନର ୟୁନିଭର୍ସିଟି ପାଥ୍‌ୱେଜ ଆଣ୍ଡ ପ୍ରୋଗ୍ରେସନ ବିଭାଗର ନିର୍ଦ୍ଦେଶକ କେଭିନ ଏବିନିଜରଙ୍କ ଭଳି ପ୍ରତିଷ୍ଠିତ ବକ୍ତାମାନେ ସାମିଲ ଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray